## ସଂକ୍ଷେପରେ

### ଆଇଇଡି ବୋମା ବିସ୍ଫୋରଣରେ ୨ ଯବାନ ଆହତ

ମାଲକାନଗିରି, ୧୬।୧ (ଦୁର୍ଯ୍ୟୋଧନ ପାତ୍ର)

ବିଜାପୁରରେ ମାଓବାଦୀ ଖଞ୍ଜିଥିବା ଆଇଇଡି ବିସ୍ଫୋରଣରେ ୨ ଯବାନ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ବିଜାପୁର ଜିଲା ପୁଟକେଲ ଅଞ୍ଚଳରେ ସିଆରପିଏଫ ଓ କୋବ୍ରା ବାହୀନର ମିଳିତ ଦଳ ମାଓବାଦୀ ଦମନ ନିମନ୍ତେ ତଲାସି କରୁଥିବା ବେଳେ ଖଞ୍ଜା ଯାଇଥିବା ଆଇଇଡି ବୋମା ବିସ୍ଫୋରଣର ଘଟିଥିଲା। ଏଥିରେ ୨ ଯବାନ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ବାଇକ୍ ଦୁର୍ଘଟଣାରେ ୨ ଗୁରୁତର

କୋରୁକୋଣ୍ଡା, ୧୬।୧ (ଶିବଦତ୍ତ ସାହୁ)

ମାଲକାନଗିରି ସହରରୁ କୋରୁକୋଣ୍ଡା ବ୍ଲକ୍ ସଦର ଦେଇ ବାଲିମେଲା ସହରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ତେନ୍ତୁଳିଗୁଡ଼ା ଗ୍ରାମ ନିକଟରେ ଦୁଇଟି ବାଇକ୍ ବୁଧବାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ୨ଜଣ ବ୍ୟକ୍ତି ଗୁରୁତର ହୋଇଛନ୍ତି। ଆହତ ହେଲେ କୋରୁକୋଣ୍ଡ ବ୍ଲକ୍ ନାକାମାମୁଡି ପଞ୍ଚାୟତର ପରଜାଗୁଡା ଗ୍ରାମର କୁମୁଦ ହନ୍ତାଳ ଓ ଅନ୍ୟ ଜଣେ ଅନନ୍ତ ଜାନି । ତେନ୍ତୁଳିଗୁଡା ଗାଁ ନିକଟ ମୁଖ୍ୟରାସ୍ତା କାର୍ଯ୍ୟ ଚାଲୁଥିବା ବେଳେ ଏହାକୁ ଖୋଳିଦିଆଯାଇଛି। ଉକ୍ତ ରାସ୍ତାର ଗୋଟିଏ ପାର୍ଶ୍ୱରେ ମାଟି ପକାଇ ଉଚ୍ଚ କରାଯାଉଥିବା ବେଳେ ଆଉ ପାଳେ ରାସ୍ତାରେ କିଛି ମାଟି, ମେଟାଲ ଖଣ୍ଡ ପଡିରହିଛି। ୪ ଜଣ ଯୁବକ କୌଣସି କାର୍ଯ୍ୟରେ ବାଇକ୍ ଯୋଗେ ମାଲକାନଗିରି ଯାଇଥିଲେ। ସେମାନେ ରାତି ପ୍ରାୟ ୯ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ତେନ୍ତୁଳିଗୁଡ଼ା ନିକଟରେ ରାସ୍ତା ନିର୍ମାଣ ନିମନ୍ତେ ଖୋଳାଯାଇଥିବା ଖାଲରେ ଉଭୟ ବାଇକ୍ ଚାଳକ ଦୁର୍ଘଟଣାର ଶିକାର ହୋଇଥିଲେ। ବାଇକ୍ ନମ୍ବର -ଓଆର-୧୦-ସି-୭୩୮୬ ରେ ବସିଥିବା ୨ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ କୋରୁକୋଣ୍ଡା ଡାକ୍ତରଖାନାକୁ ପଠାଇଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ପଡିଆ, ୧୬।୧ (ଭାସ୍କର ରାଓ )

ପଡିଆ ବ୍ଲକରେ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଦିବସ ପାଳନର ରୂପରେଖ ପ୍ରସ୍ତୁତି କରାଯାଇଥିଲା। ବିଡିଓ ଅଶ୍ୱିନୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ଦିବସରେ ପତାକା ଉତ୍ତୋଳନ ସହ ପରେଡ, ବିଭିନ୍ନ କ୍ରୀଡା ଓ ବକ୍ତୃତା ପ୍ରତିଯୋଗିତା କରାଯିବ ବୋଲି ଆଲୋଚନା ହୋଇଥିଲା। ଏଥିସହ ଚଳିତ ବର୍ଷ ଛୋଟ ପିଲାଙ୍କ ମଧ୍ୟରେ ସଙ୍ଗୀତଗାନ, ପାରମ୍ପାରିକ ନାଚ ଓ ଦେଶାତ୍ମବୋଧକ ନାଟକ ପରିବେଷଣ କରାଯିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପଡିଆ ବ୍ଲକ ଅଧ୍ୟକ୍ଷା, ଏମ୍‌ପି ପ୍ରତିନିଧି ପି. ଭେଙ୍କଟେଶ୍ୱର ରାଓ, ବିଧାୟକଙ୍କ ପ୍ରତିନିଧି, ପଞ୍ଚାୟତ ଅଧିକାରୀ କାର୍ତ୍ତିକ ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ଜ୍ୟୋତି ପ୍ରକାଶ ବେହେରା, ମୋହନ କୁମାର ରାୟ ଓ ଏପିଓ ମେନକା ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଗାଟୁଗୁଡ଼ାରେ ପହଞ୍ଚୁନି ବିକାଶ

ମୋହନା, ୧୬।୧ (ମନ୍ମଥ ମିଶ୍ର)–

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ପାହାଡ ପର୍ବତଘେରରେ ରହିଛି ଗରଡ଼ମା ପଞ୍ଚାୟତ। ପଞ୍ଚାୟତରେ ଥିବା ଗାଟୁଗୁଡା ଗ୍ରାମରେ ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଅପହଞ୍ଚ ରହିଛି ବିକାଶ। ଗାଁକୁ ରାସ୍ତା ନ ଥିବାରୁ ସବୁ ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହୋଇଛନ୍ତି । ମୁଖ୍ୟ ସଡ଼କଠାରୁ ନିଜ ଗ୍ରାମ ପର୍ଯ୍ୟନ୍ତ ଏଯାଏ ପକ୍କା ରାସ୍ତାଟିଏ ନାହିଁ। ଫଳରେ ଗାଟୁଗୁଡ଼ା ସମେତ ଭୁଗୁବାଡି, ଟଙ୍ଗଡାପାଙ୍ଗା, ଲାଣ୍ଡୁପାଙ୍ଗା ଓ ଆଜିପାଙ୍ଗ ଗ୍ରାମର ଗ୍ରାମବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ପାହାଡ ପର୍ବତ ଘାଟିରାସ୍ତା ଦେଇ ନିଜ ପଞ୍ଚାୟତ ହେଉ ଅବା ଅନ୍ୟ ପଞ୍ଚାୟତ କାର୍ଯ୍ୟାଳୟକୁ ସେମାନଙ୍କୁ ଯିବାକୁ ହୁଏ। ପାଖାପାଖି



୭୦ କି.ମି.ରୁ ଊର୍ଦ୍ଧ୍ୱ ଗଲେ ମୋହନା ପଞ୍ଚାୟତ ସମିତି, ତହସିଲ କାର୍ଯ୍ୟାଳୟ, ଆଧାର ଜନସେବା କେନ୍ଦ୍ର ସହ ଅନ୍ୟାନ୍ୟ ସୁବିଧା ପାଆନ୍ତି ଲୋକେ। ରାସ୍ତା ଭଲ ନ ଥିବାରୁ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରେନି ଗ୍ରାମଗୁଡିକରେ। ସ୍ୱାସ୍ଥ୍ୟସେବା ପାଇବାକୁ ହେଲେ ସମ୍ପର୍କୀୟମାନେ ରୋଗୀଙ୍କୁ ଖଟିଆରେ ପାହାଡ ପର୍ବତ ଦେଇ ବୋହି ଆଣି ଡାକ୍ତରଖାନା ଆଣନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀ ଗୃହ ନିର୍ମାଣ ସାମଗ୍ରୀ ଆଣିପାରୁ ନ ଥିବାରୁ ନିର୍ମାଣ କରିପାରିନାହାନ୍ତି ଘର। ଏଯାଏ ସମସ୍ତଙ୍କ ମୁଣ୍ଡ ଉପରେ ରହିଛି ଝିଙ୍କର ଛପର ଘର। ପାନୀୟ ଜଳ ସମସ୍ୟା ମଧ୍ୟ ରହିଛି ପଞ୍ଚାୟତ ସହ ବିଭିନ୍ନ ଗ୍ରାମରେ। ଗାଟୁଗୁଡାରେ ପାନୀୟ ଜଳ ପାଇଁ ଷ୍ଟାଣ୍ଡପୋଷ୍ଟ ଅଛି ମାତ୍ର ମିଳୁନି ପାଣି। ଦିନ ତମାମ ଅପେକ୍ଷା କଲେ ମଧ୍ୟ ମାଠିଏ ପାଣି ମିଳିବା କଷ୍ଟକର। ଏପରିସ୍ଥଳେ ଗ୍ରାମରେ ଥିବା ନଳକୂପ ଜଳ ବ୍ୟବହାର ଉପଯୋଗୀ ହୋଇପାରୁନି। ଏନେଇ ଗ୍ରାମବାସୀ ଅନେକଥର ବ୍ଲକ ପ୍ରଶାସନ ଏବଂ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ସମସ୍ୟା ସମାଧାନ ପ୍ରତି ଜିଲା ଓ ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

### ପୂର୍ବତନ ପଞ୍ଚାୟତ ଜନପ୍ରତିନିଧିଙ୍କ ବୈଠକ

# ପଞ୍ଚାୟତର ବିକାଶ ଲାଗି କାର୍ଯ୍ୟ କରିବାକୁ ସଂକଳ୍ପ

ପୁରୁଷୋତ୍ତମପୁର, ୧୬।୧ (ସିମାଞ୍ଚଳ ମିଶ୍ର)–

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକର ପୂର୍ବତନ ସରପଞ୍ଚ ସଂଘ ସଭାପତି ଓ ପଞ୍ଚାୟତଗୁଡିକର ପୂର୍ବତନ ଜନପ୍ରତିନିଧିମାନଙ୍କ ଏକ ବୈଠକ ଗୁରୁବାର ସଭାପତି ରାଜେନ୍ଦ୍ରପ୍ରସାଦ ଶତପଥୀଙ୍କ ସଂଯୋଜନାରେ ହିଣ୍ଡୁଳାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତର ପୂର୍ବତନ ଜନପ୍ରତିନିଧିମାନଙ୍କ ସହ ବର୍ତ୍ତମାନର ବହୁ ଜନ ପ୍ରତିନିଧି ଯୋଗ ଦେଇଥିଲେ। ଆଗାମୀ ଦିନରେ ସମସ୍ତେ ଏକତ୍ରିତ ହୋଇ ମିଳିମିଶି ପଞ୍ଚାୟତର ବିକାଶ ପାଇଁ କାମ କରିବେ। ଏହା ଦ୍ୱାରା ଜନସାଧାରଣଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଲୋଚନା କରିଥିଲେ। ସଂଘ ସଭାପତି ତଥା ରାଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜେନ୍ଦ୍ରପ୍ରାସାଦ ଶତପଥୀ, ପାଣ୍ଡିଆ ପୂର୍ବତନ ସରପଞ୍ଚ ଗୋପାଳ ସେଠୀ, ସିଏଚ ନୂଆଗାଁ ପୂର୍ବତନ ସମିତିସଭ୍ୟ ନିର୍ମଳ ଚନ୍ଦ୍ର ସାହୁ, କେଏନ୍‌ପୁର ପୂର୍ବତନ ସରପଞ୍ଚ କୈଳାସ ଗୌଡ଼, ପ୍ରତାପୁର ପୂର୍ବତନ ସମିତିସଭ୍ୟ ଗୌରୀ ଶଙ୍କର ରାଉଳ, ଷୋଳଘର ସମିତିସଭ୍ୟ ପ୍ରମୋଦ ମହାନ୍ତି, ଚିଙ୍ଗୁଡ଼ି ଘାଇ ପ୍ରଶାନ୍ତ ପ୍ରଧାନ, ଟଙ୍କାଛାଇ ଚିରଞ୍ଜୀବୀ ବିଷୋୟୀ, ଅମର ସ୍ୱାଇଁ, ରଣଝାଲିର ରମେଶ ବେହେରା, ଶିକୁଳାର ରବୀନ୍ଦ୍ର ବେହେରା, ଭୀମପୁରର ନାରାୟଣ ପାଣିଗ୍ରାହୀ, ସମାର ଗୋବର୍ଦ୍ଧନ ବିଷୋୟୀ, ପ୍ରତାପୁରର କାହ୍ନୁ ଚରଣ ନାୟକ, ଜଗନ୍ନାଥପୁରର ସତ୍ୟ ନାରାୟଣ ଗୌଡ଼, ସୁନାଥରର ମୁନା ବସନ୍ତିଆ, ବଡ଼ବଗାଁର ହରିକୃଷ୍ଣ ବେହେରା, ପ୍ରମୁଖ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ପକ୍ଷୀଗଣନା ନେଇ ତାଲିମ ଶିବିର

ଜୟପୁର, ୧୬।୧ (ପବନ ପାଣିଗ୍ରାହୀ)

ବନଖଣ୍ଡ କାର୍ଯ୍ୟାଳୟରେ ପକ୍ଷୀ ଗଣନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୟବନଖଣ୍ଡ ଅଧିନରେ ଥିବା ବୋରିଗୁମ୍ମା, ବୈପାରିଗୁଡ଼ା, ଜୟପୁର, କୋଟପାଡ, ଗୁପ୍ତେଶ୍ୱର ଓ କୁନ୍ଦୁରା ବନାଞ୍ଚଳରେ ପକ୍ଷୀ ଗଣନା କରାଯିବ। ବିଦେଶୀ ପକ୍ଷୀ ଓ ବାହାରୁ ଆସୁଥିବା ପକ୍ଷୀଙ୍କୁ ଚିହ୍ନଟ ଓ ଗଣତି କରାଯିବା ଫଟୋ ଉଠାଯିବା ନେଇ ତାଲିମ ଦିଆଯାଇଛି। କାର୍ଯ୍ୟକ୍ରମରେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ଜୀବ ବିଜ୍ଞାନର ପ୍ରଫେସର ଏବଂ ଛାତ୍ରୀଛାତ୍ର ସାମିଲ ରହିଥିଲେ। ଏଥିରେ ଡିଏଫଓ ପ୍ରତାପ ବେହେରା, ଜୟପୁର ବନାଞ୍ଚଳ ଅଧିକାରୀ ସଚ୍ଚିଦା ନନ୍ଦ ପରିଡ଼ା, ବୈପାରୀଗୁଡ଼ା ବନାଞ୍ଚଳ ଅଧିକାରୀ ସନ୍ଦୀପ କୁମାର ପାଣିଗ୍ରାହୀ, ଗୁପେଶ୍ୱର ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ନେପାକ୍, କୁନ୍ଦୁରା ବନାଞ୍ଚଳ ଅଧିକାରୀ ବିଶ୍ୱନାଥ ମାଣ୍ଡିଙ୍ଗା, କୋଟପାଡ଼ ବନାଞ୍ଚଳ ଅଧିକାରୀ ବିଦ୍ୟୁତ୍ ବିଶ୍ୱାଳ, ବୋରିଗୁମ୍ମା ବନାଞ୍ଚଳ ଅଧିକାରୀ ଡମ୍ବୁରଧର ଗମାଙ୍ଗ ଓ ସ୍ନେକ୍ ହେଲ୍ପ ଲାଇନ୍‌ର କୃଷ୍ଣ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।




ଶିବିରରେ ଉପସ୍ଥିତ ବନଖଣ୍ଡ ଅଧିକାରୀ ଓ ଅନ୍ୟମାନେ ।

# ଗୁପ୍ତେଶ୍ୱର ମନ୍ଦିରରେ ଟଙ୍କା ଆଦାୟକୁ ବନ୍ଦ କରିବାକୁ ଦାବି

ଜୟପୁର, ୧୬।୧ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲାର ଗୁପ୍ତେଶ୍ୱର ମନ୍ଦିରରେ ଦର୍ଶନ ପାଇଁ ଆଦାୟ କରାଯାଉଥିବା ଟଙ୍କାକୁ ବନ୍ଦ କରିବାକୁ କୋରାପୁଟ ଜିଲାପାଳ ଓ ଜୟପୁର ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ଦୈନିକ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଆଦି ଜିଲା ସହ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଅଞ୍ଚଳରୁ ହଜାର ହଜାର ଭକ୍ତ ଏଠାକୁ ଆସନ୍ତି। ଏକ ପ୍ରସିଦ୍ଧ ଶିବପୀଠରେ ଦର୍ଶନ ପାଇଁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିବା ଓ ସେହି ଟଙ୍କାର କୌଣସି ହିସାବ ନ ରଖିବା, ହିନ୍ଦୁମାନଙ୍କ ଭକ୍ତି ପ୍ରତି ଏକ କୁଠାରଘାତ ସଦୃଶ୍ୟ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ଲୁଟ କରିବା ଉଦ୍ଦେଶ୍ୟ ନେଇ କାର୍ଯ୍ୟ କରାଯାଉଛି, ଯାହାକୁ ସନାତନୀ ହିନ୍ଦୁ ଭାବେ ଦୃଢ ବିରୋଧ କରୁଥିବା କହିଛନ୍ତି। ଆଦାୟ ହେଉଥିବା ଟଙ୍କାର ଉପଯୋଗ କଣ ହେଉଛି ଓ ଏହାର କୌଣସି ହିସାବ କାହା ପାଖରେ ନ ଥିବା ଅଭିଯୋଗ ହୋଇଛି। କେବଳ ବାର୍ଷିକ କେତେ ଟଙ୍କାର ଟେଣ୍ଡର ହିସାବ ସରକାରୀ ଅଧିକାରୀ ଦେଉଛନ୍ତି, କିନ୍ତୁ ସେଇ ଟେଣ୍ଡର ନେଇଥିବା ବ୍ୟକ୍ତି ବା ସମୂହ ବାର୍ଷିକ ସମଗ୍ର କେତେ ଟଙ୍କା ଆଦାୟ କରୁଛନ୍ତି ତାହାର ହିସାବ କୌଣସି ଅଧିକାରୀଙ୍କ ପାଖରେ ନାହିଁ। ତୁରନ୍ତ ଏହାର ତଦନ୍ତ କରି ବେଆଇନ ଟଙ୍କା ଆଦାୟକୁ ବନ୍ଦ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଟଙ୍କା ଆଦାୟ ଓ ବାଟମାରଣାକୁ ତୁରନ୍ତ ବନ୍ଦ କରିବା ପାଇଁ ଜିଲାପାଳ ଓ ଉପଜିଲାପାଳ ତଥା ଜୟପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ସହ ଲୋକଙ୍କୁ ଦର୍ଶନ କରିବାର ସୁଯୋଗ ଦିଆଯାଉ ବୋଲି ସାମାଜିକକର୍ମୀ କୃଷ୍ଣ କେଶବ ଷଡ଼ଙ୍ଗୀ ଦାବି କରିଛନ୍ତି।

### ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ କାୟାକଳ୍ପ ଟିମ୍

ଧରାକୋଟ, ୧୬।୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁରୁବାର କାୟାକଳ୍ପ ଟିମ୍ ପରିଦର୍ଶନ କରି ଫେରିଛନ୍ତି। ଟିମ୍ ପରିଦର୍ଶନ ବେଳେ ସ୍ୱାସ୍ଥ୍ୟକେନ୍ଦ୍ରର ଆନୁଷଙ୍ଗିକ ପରିବେଶ, ସ୍ୱଚ୍ଛତା, ସରକାରୀ ଯୋଜନାଗୁଡ଼ିକର ସଫଳତା ଉପରେ ଗୁରୁତ୍ୱ ଦେଇ ତଦାରଖ କରିଥିଲେ। ଏହି ଟିମ୍‌ରେ ରାଜ୍ୟସ୍ତରରୁ ଡ. ରାମକୃଷ୍ଣ ଶତପଥୀ, ଅନୁଜା ବେହେରା ଓ ଡ. ସମ୍ବିତ ଜେନା ରହିଥିବା ବେଳେ ଜିଲା ସ୍ତରରୁ ସୁଜିତ କାର୍ଜୀ ଓ ସୁଧୀରକାନ୍ତି ବେହେରା ସାମିଲ ଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଅଶୋକ, ଡା. ନିବେଦିତା ସାହୁ, ଡା. ଶୁଭମ ବାରା, ଡା. ସୌମ୍ୟ ଗୌଡ଼, ଡା. ବିମଳେନ୍ଦୁ ପଣ୍ଡା ଓ ବିକାଶ ନାୟକ ଟିମ୍‌କୁ ସମସ୍ତ ବିଷୟ ଅବଗତ କରାଇଥିଲେ। ଫାର୍ମାସିଷ୍ଟ ସୌଭାଗ୍ୟ ନାୟକ, କେଦାରନାଥ ଆଚାର୍ଯ୍ୟ, ବିଜୟଲକ୍ଷ୍ମୀ ସାହୁ, ବିପିଏମ୍ ଗୋଲକ ନାରାୟଣ ଗାରିଆଗାଡୁ, ସଞ୍ଜୟ ମହାରଣା, ଆଶୁତୋଷ ସାହୁ, ଅଞ୍ଜନା ଖଣ୍ଡୁଆଳ ଉପସ୍ଥିତ ରହିଥିଲେ।

### ସଡ଼କ ସୁରକ୍ଷା ସଚେତନତା

ବୁଗୁଡ଼ା, ୧୬।୧ (କାଳିଚରଣ ଦାଶ)–

ବୁଗୁଡା ବଳଦେବ ସ୍ୱାମୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ନିୟୁ ଏରା ପବ୍ଲିକ ସ୍କୁଲ ସ୍କାଉଟ ଗ୍ରୁପ, ଶ୍ରୀକର ଭଞ୍ଜ ଓପନ ୟୁନିଟ୍ ଓ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ପ୍ଲାକ କାର୍ଡ ଧରି ସ୍ଲୋଗାନ ଦେଇ ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ବଳଦେବ ମନ୍ଦିର ପର୍ଯ୍ୟନ୍ତ ଯାଇ ହାଇସ୍କୁଲ ଦେଇ ପୁଣି ବସ୍‌ଷ୍ଟାଣ୍ଡରେ ପହଞ୍ଚିଥିଲେ। ସେଠାରେ ଘରୋଇ ବସ୍ ମାଲିକ ସଂଘ ସଭାପତି ହରପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ମୁଖ୍ୟବକ୍ତା ଭାବେ ଖବରଦାତା ଅନିଲ ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବେ ବୈଷ୍ଣବ ଚରଣ ଦାଶ, ବିଭୂତି ଭୂଷଣ ମିଶ୍ର ଓ ଚିତ୍ତରଞ୍ଜନ ଦାସ ଯୋଗଦେଇ ସଡ଼କ ସୁରକ୍ଷା ଓ ଜୀବନ ରକ୍ଷା ସମ୍ପର୍କରେ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ। ସଂଘ ସମ୍ପାଦକ ବବୁଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, ୧୬।୧ (ଦୁର୍ଯ୍ୟୋଧନ ପାତ୍ର)

ତେଲଙ୍ଗାନା ଭଦ୍ରାଦ୍ରି କତାଗୁଡେମ ପୋଲିସ ନିକଟରେ ଜଣେ ୪ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେ ହେଲେ ଛତିଶଗଡ଼ ଦର୍ଭା ଡିଭିଜନର ଏରିଆ କମିଟି ସଦସ୍ୟା କଲୁମୁ ପାଇକି। ୨୦୦୯ରେ କେର୍ଲାପାଲ୍ ଏରିଆ କମିଟିରେ ମିଲିସିଆ ସଦସ୍ୟା ଭାବେ ଯୋଗଦେଇଥିଲେ। ପରେ ସେ ୨୦୧୫ ଓ ୨୦୧୭ରେ କେର୍ଲାପାଲ ଏଲ୍‌ଓଏସ୍ ଡେପୁଟି କମାଣ୍ଡର ଓ କେର୍ଲାପାଲ ଜନ ମିଲିସିଆ କାମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ୨୦୨୧ରେ କେର୍ଲାପାଲ ଏରିଆ କମିଟି ସଦସ୍ୟ ମାଡବି ଭୀମାଙ୍କୁ ବିବାହ କରିଥିଲେ। ତାଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ଏବଂ ସଂଗଠନରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉ ନ ଥିବାରୁ ସେ ଆତ୍ମସମର୍ପଣ କରିଥିବା କହିଛନ୍ତି।

# ତାଡ଼ମେଟଲା ଘଟଣାରେ ସାମିଲ ୪ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି, ୧୬।୧ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ ନାରାୟଣପୁର ଜିଲା ପୋଲିସ ନିକଟରେ ୪ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ଏମାନେ ହେଲେ ୮ ଲକ୍ଷ ପୁରସ୍କାର ଘୋଷିତ ଗାନ୍ଧୀ ତାତି ଓରଫ ଅରବ ଓରଫ କମଲେଶ, ମୈନୁ ଓରଫ ହେମଲାଲ କୋରମ୍, ରିତ ଲେକାମୀ ଓରଫ ଅର୍ଜୁନ, କୋସି ଓରଫ କବିତା । ଏମାନେ ନାରାୟଣପୁର ଏସ୍‌ପି ପ୍ରଭାତ କୁମାର, ଅତିରିକ୍ତ ପୋଲିସ ଅଧୀକ୍ଷକ ରୋବିନସନ୍ ଗୁଡ଼ିଆ ଓ ସୁଶୀଲ ନାୟକ ହ୍‌କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ୨୦୧୦ ତାଡ଼ମେଟଲା ଘଟଣାରେ ୭୬ ଯବାନଙ୍କ ଶହୀଦ ଘଟଣାରେ ସେ ସାମିଲ ଥିଲେ। ସେହିପରି ଅନ୍ୟ ୩ଜଣ ମଧ୍ୟ ବିଭିନ୍ନ ଘଟଣାରେ ସାମିଲଥିଲେ। ନାରାୟଣପୁର ପୋଲିସ ତରଫରୁ ଏହି ୪ ଜଣଙ୍କୁ ୨୫ ହଜାର ଟଙ୍କା ଲେଖାଏ ଅର୍ଥରାଶି ବାବଦରେ ଚେକ୍ ପ୍ରଦାନ କରାଯାଇଛି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପାଇଁ ଦାବିପତ୍ର

ହିଞ୍ଜିଳିକାଟୁ, ୧୬।୧ (ଦ୍ୱିତୀକୃଷ୍ଣ ପଣ୍ଡା):

ଡିସେମ୍ବର ମାସରେ ଅଦିନିଆ ବର୍ଷାରେ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ରାଶି ଓ ସହାୟତା ପ୍ରଦାନ ନେଇ ଗୁରୁବାର ହିଞ୍ଜିଳିକାଟୁ ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ଚାଷୀ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ହିଞ୍ଜିଳିକାଟୁ ତହସିଲଦାରଙ୍କୁ ଦାବିପତ୍ର ଦେଇଛନ୍ତି। ଭାଜପା ନେତା ଏନ. କେଶବଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ବହୁ ମହିଳା ଓ ପୁରୁଷ ଚାଷୀ ସ୍ଥାନୀୟ ଆର୍‌ଏମ୍‌ସି ଛକରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଆବଶ୍ୟକ ସହାୟତା ପ୍ରଦାନ ସହ କ୍ଷତି ହୋଇଥିବା ଖରିଫ ଧାନ ମଣ୍ଡି ଜରିଆରେ କୋହଳ କରି ନେବାକୁ ଦାବି କରିଥିଲେ। ତହସିଲଦାର ଭିକାରୀ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଦିବ୍ୟ ରଞ୍ଜନ ମହାନ୍ତି, ବିକ୍ରମ ଗୌଡ, ହୃଷୀକେଶ ଗୌଡ, ପି.ଭୋବିନି, କୈଳାସ ଦାସ, ମଧୁ ଦାସ, ଏସ. ସୁଜିତ, ବିକାଶ ମହାନ୍ତି, ରାମକୃଷ୍ଣ ସାହୁ, ଭଜରାମ ସ୍ୱାଇଁ, ପି. ପୂର୍ଣ୍ଣଚନ୍ଦ୍ର, ଗୌତମ ଗୌଡ, ସୁବାସ ଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଜି.ଉଦୟଗିରି, ୧୬।୧ (ଶିଶିର ପଟ୍ଟନାୟକ)–

ଜି.ଉଦୟଗିରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ଦିନ ଧରି ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ଶିବରାମ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ବିଜୟ ବିଶ, ସମ୍ମାନିତ ଅତିଥି ଭାବେ ବନପାଳ ତାଲିମ ବିଦ୍ୟାଳୟର ଉପ ବନ ସଂରକ୍ଷକ ଦିବାକର ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ସମ୍ପର୍କରେ ବୁଝାଇ ଏନେଇ ରହିଥିବା ବିଭିନ୍ନ ନାରୀ ସୁରକ୍ଷା ଆଇନ ସମ୍ପର୍କରେ ସଚେତନ କରିଥିଲେ। ଅଧାପିକା ଡ. ବବିତାରାଣୀ ପଟ୍ଟନାୟକ ଓ ସୁଧାରଣୀ ପାତ୍ର ତାଲିମରୁ ଗ୍ରହଣ କରିଥିବା କୌଶଳ ଆତ୍ମ ସୁରକ୍ଷା ଦିଗରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ମାଷ୍ଟର ଟ୍ରେନର ମାନସୀ ପ୍ରଧାନ ଓ ଅନିତା ନାୟକ ତାଲିମ ପ୍ରଦାନ କରିଥିଲେ।

# ନିୟମ ନ ମାନି ବୁହା ହେଉଛି ଲଘୁ ଖଣିଜ ସମ୍ପଦ

ସେମିଳିଗୁଡା/ସୁନାବେଡା, ୧୬।୧ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସେମିଳିଗୁଡ଼ା ତହସିଲ ଅଞ୍ଚଳରେ ସରକାରୀ ନିୟମକୁ ଉଲ୍ଲଂଘନ କରି ଲଘୁ ଖଣିଜ ସମ୍ପଦ ଚାଲାଣ ହେଉଥିବା ଦେଖିବାକୁ ମିଳିଛି। ଘର ନିର୍ମାଣଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ବାଲି, ଗୋଡି, ବୋଲଡ଼ର ଓ ପଥର ଭଳି ଲଘୁ ଖଣିଜ ପଦାର୍ଥ ବ୍ୟବହାରରେ ଲାଗୁଥିବାରୁ ଦୈନିକ ଏହି ଅଞ୍ଚଳରୁ ଶହ ଶହ ଟ୍ରକ, ଟିପ୍ପର ଓ ଟ୍ରାକ୍ଟର ଆଦିରେ ସେଗୁଡିକ ବୁହାଯାଉଛି। ସେଗୁଡିକୁ ଢାଙ୍କି ନେବାକୁ ନିୟମ ଥିବା ସତ୍ତ୍ୱେ ଖୋଲାରେ ନିଆଯାଉଥିବାରୁ ବାଟ ସାରା ପଡୁଥିବା ଏବଂ ଇଟାରୁ ଧୂଳି ଉଡ଼ି ଯାତ୍ରୀଙ୍କୁ ଅସୁବିଧା ହେଉଛି। ଏ ସମସ୍ତ ଗାଡ଼ି ପଛରେ ଯାଉଥିବା ସାଇକେଲ, ବାଇକ୍ ଓ ପାଦଚଲା ଯାତ୍ରୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଇଟା, ବାଲି, ସିମେଣ୍ଟ ଓ ଚିପସ୍ ଆଦି



### ଅସୁବିଧାରେ ଲୋକେ

ନେବା ବେଳେ ଗାଡିର ଡାଲା ପାଲ ଦ୍ୱାରା ଘୋଡାଇବାକୁ ସରକାରୀ ନିୟମ ରହିଥିଲେ ସୁଦ୍ଧା ସେଗୁଡିକ କାଗଜ କଲମରେ ସୀମିତ ରହିଯାଉଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ ଜିଲା ପ୍ରଶାସନର ଦୃଷ୍ଟି ଗୋଚର ହେଉନାହିଁ।

ଏ ସମ୍ପର୍କରେ ସେମିଳିଗୁଡ଼ା ତହସିଲଦାର ଦେବ୍ରତ କରାଡେଙ୍କୁ ପଚାରବାରୁ, ଯଦି ସେମିତି କିଛି ନଜରକୁ ଆସେ ତେବେ ରାଜସ୍ୱ ବିଭାଗ, ଖଣି ଏବଂ ପୋଲିସ ବିଭାଗ ସହ ମିଳିତ ଚଢ଼ାଉ କରି ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏ ନେଇ ସେମିଳିଗୁଡା ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ସେ ମଧ୍ୟ ଚଢ଼ାଉରେ ନିଜେ ଉପସ୍ଥିତ ରହି ଖିଲାପକାରୀଙ୍କୁ ତାଗିଦ କରି ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# କୌଳିକ ବୃତ୍ତି ବଞ୍ଚାଇ ରଖିଛନ୍ତି କମାର ପରିବାର

ପଟ୍ଟାଙ୍ଗି, ୧୬।୧ (ଶରତ କୁମାର ଧଳ)

କୌଳିକ ବୃତ୍ତି ଲୋପ ପାଇଆସୁଥିବା ବେଳେ କମାର ପରିବାର ଚାଷରେ ବ୍ୟବହୃତ ହେଉଥିବା ଉପକରଣକୁ ତିଆରିକରି ଏହାକୁ ବଞ୍ଚାଇ ରଖିଛନ୍ତି। ଉପକରଣକୁ ବଜାରରେ ବିକ୍ରିକରିବା ପାଇଁ ଉପଯୁକ୍ତ ସ୍ଥାନ ନ ଥିବାରୁ କମାର ପରିବାର ଗାଁ ଗହଳିରେ ଅସ୍ଥାୟୀ ଶାଳକରି ରୋଜଗାର କରୁଛନ୍ତି। ଏହି ସ୍ଥିତିରେ ସରକାରୀସ୍ତରରେ କମାର ପରିବାରଙ୍କ ପାଇଁ କୌଣସି ଉପଯୁକ୍ତ ବ୍ୟବସ୍ଥା କରାଯାଇ ନାହିଁ। କମାର ପରିବାର ଛତିଶଗଡ଼ ଏବଂ ଆନ୍ଧ୍ରରେ ଆଦିବାସୀ ଭାବେ ପରିଚିତ ହୋଇ ସମସ୍ତ ସରକାରୀ ଯୋଜନାର ଲାଭ ପାଉଛନ୍ତି। ଓଡ଼ିଶାରେ ଏହି ପରିବାର ଏସିବିସିରେ ଗଣିତ ହୋଇ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି। କୋରାପୁଟ ଜିଲାରେ ୨୦ରୁ ୨୨ ହଜାର କମାର ପରିବାର ବସବାସ କରୁଥିବା ବେଳେ ଚାଷ କ୍ଷେତ୍ରରେ ବ୍ୟବହୃତ ହେଉଥିବା ଲଙ୍ଗଳ, ଦା, କୋଦାଳ,



ଟାଙ୍ଗିଆ, ଶାବଳ ଓ ପନିକି ଆଦି ଅନେକ ଉପକରଣକୁ ନିକଟସ୍ଥ ବଜାରରେ ବିକ୍ରିକରି ପେଟ ପାଇଁ ସଂଗ୍ରାମ କରୁଛନ୍ତି। ସେହିପରି କମାର ପରିବାର ମାଡ୍ରାସ ପ୍ରେସିଡେନ୍ସି ଅମଳରୁ ଛତିଶଗଡ଼, ଆନ୍ଧ୍ର ଏବଂ ଓଡ଼ିଶାରେ ଆଦିବାସୀ ଭାବେ ପରିଚିତ ରହି ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ୧୯୫୬ରେ ଏସ୍‌ଟି/ଏସ୍‌ସିକୁ ନେଇ ହୋଇଥିବା ସଂଶୋଧନ ସମୟରେ ଓଡ଼ିଶାର କମାର ପରିବାର ଏସ୍‌ଟି ଗଣନାରୁ ବାଦ୍ ପଡିଥିଲେ। ବର୍ତ୍ତମାନ ଏହି ପରିବାର କେନ୍ଦ୍ର ସରକାରଙ୍କ ରେକର୍ଡରେ ଓବିସି ଭାବେ ଥିବା ବେଳେ ଓଡ଼ିଶାରେ ଏସ୍‌ଇବିସିରେ ଗଣତି ହେଉଛନ୍ତି। କମାର ପରିବାର ୨୦୦୯ରୁ ଆଦିବାସୀ ମାନ୍ୟତା ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନକରି ତହସିଲ କାର୍ଯ୍ୟାଳୟରୁ ଆରମ୍ଭକରି ଜିଲା ପ୍ରଶାସନ ଜରିଆରେ

### ଆଦିବାସୀ ମାନ୍ୟତାରୁ ବଞ୍ଚିତ

ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା ଏଥିରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଉକ୍ତ ପରିବାରର ଦାବି ଆର୍‌ଜିଆଇ ପର୍ଯ୍ୟନ୍ତ ପହଞ୍ଚି ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଟିଏସିରେ ପହଞ୍ଚି ପାରିନାହିଁ। ବିଧାୟକଙ୍କଠାରୁ ଏମ୍‌ପି ପର୍ଯ୍ୟନ୍ତ ସେମାନଙ୍କ ଦାବି ପହଞ୍ଚିଥିଲେ ମଧ୍ୟ ସେମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଓଡ଼ିଶାରେ ବାସ କରୁଥିବା କମାର ପରିବାରର ଝିଅ ଛତିଶଗଡ଼ ଏବଂ ଆନ୍ଧ୍ରକୁ ବୋହୂ ହୋଇ ଗଲେ ସେଠାରେ ସେମାନେ ସରକାରୀ ସ୍ତରରେ ଆଦିବାସୀର ପରିଚୟ ପାଉଛନ୍ତି, କିନ୍ତୁ ଉକ୍ତ ୨ ରାଜ୍ୟର ଝିଅ ଓଡ଼ିଶାର କମାର ପରିବାରକୁ ବିବାହକରି ଆସିଲେ ସେମାନେ ଏସ୍‌ଇବିସିରେ ଗଣତି ହେଉଛନ୍ତି।

### କାଠଗଣ୍ଡି ସହ ଅଟୋ ଜବତ, ୨ ଗିରଫ

ପାରଳାଖେମୁଣ୍ଡି, (ଗିରିଧାରୀ ପରିଚ୍ଛା)ପାରଳାଖେମୁଣ୍ଡି ବନ ବିଭାଗଦ୍ୱାରା ବିପୁଳ ପରିମାଣର କାଠଗଣ୍ଡି ସହ ଅଟୋ ଜବତ ୨ଜଣଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ସାତମାଇଲ ନିକଟରେ ବନ କର୍ମଚାରୀ ମାନେ ପେଟ୍ରୋଲିଂ କରୁଥିବା ସମୟରେ ରାୟଗଡ଼ା ପଟୁ ପାରଳାଖେମୁଣ୍ଡି ଆଡ଼କୁ ଆସୁଥିବା ଏକ ଡାଲା ଅଟୋରେ ୨୩ ଖଣ୍ଡ ଶାଗୁଆନ ଗଣ୍ଡି ଚାଲାଣ କରୁଥିବା ଦେଖି ଅଟୋକୁ ଅଟକାଇ ପଚାରା ଉଚରା କରିଥିଲେ। କିନ୍ତୁ ଅଟୋ ଚାଳକ କିମ୍ବା କାଠ ମାଲିକ ଆବଶ୍ୟକ ଦସ୍ତାବିଜ ଦେଖାଇ ପାରିନଥିଲେ। ଫଳରେ ବନ କର୍ମଚାରୀ ମାନେ ଅଟୋ ଓ କାଠକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି। ଜବତ କାଠର ଆନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ରେଞ୍ଜର ବ୍ରହ୍ମାନନ୍ଦ ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ଗଛରେ ଅଟୋ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଆର.ଉଦୟଗିରି/ରାମଗିରି,(ମନୋଜ କୁମାର ପାଢୀ/ବୃନ୍ଦାବନ ଗୌଡ)

ଗଜପତି ଜିଲା ନୂଆଗଡ ବ୍ଲକ ଆର୍.ଉଦୟଗିରି ଥାନା ଅନ୍ତର୍ଗତ ଜନପଦା ନିକଟ ଗଡାଣିଠାରେ ଏକ ଗଛରେ ଅଟୋ ଧକ୍କା ହୋଇ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ରାମଗିରି ଗ୍ରାମର ଟୁକୁନା ଚୌଧୁରୀ(୧୮)। ଏଥିରେ ବିଶ୍ୱାମିତ୍ର ଚୌଧୁରୀ (୩୦) ଗୁରୁତର ହୋଇଛନ୍ତି। ରାମଗିରି ଗ୍ରାମର କାଳିଆ ଶ୍ୱଶୁରଘର ବଡପଦା ଗ୍ରାମକୁ ଯାଇଥିଲେ । ସେଠାରେ ଗଛରୁ ପଡି ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ତାଙ୍କୁ ଦେଖିବାକୁ ତାଙ୍କର ଦୁଇ ସାଙ୍ଗ ରାମଗିରିର ଟୁକୁନା ଓ ବିଶ୍ୱମିତ୍ର ଖଜୁରିପଦା ମେଡିକାଲକୁ ଅଟୋ ଯୋଗେ ଯାଇଥିଲେ। ଶୋକାକୁଳ ପରିବାରକୁ ସାନ୍ତ୍ୱନା ଜଣାଇ ସେଠାରୁ ଉଭୟେ ଫେରିବା ସମୟରେ ଅଟୋଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା ।ଉଭୟଙ୍କୁ ଉଦ୍ଧାର କରାଯାଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଟୁକୁନାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବିଶ୍ୱମିତ୍ରଙ୍କ ଅଧିକ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ସ୍ଥାନାନ୍ତର କରାଯାଇଛି। ଖବର ପାଇଁ ଆର.ଉଦୟଗିରି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ଡାକ୍ତରଖାନା ପଠାଇଛି। ନଂ. ୭/୨୫ରେ ଏକ ମାମଲା ରୁଜୁ ହୋଇଛି ।

### କରତକଳରେ ଚଢ଼ାଉ

ଭଞ୍ଜନଗର,୧୬।୧(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କେନ୍ଦ୍ରୀୟ ରେଞ୍ଜ କାଳିଆଗୁଡ଼ାରେ ଚାଲିଥିବା ବେନିୟମ ଏକ କାଠ ମିଲ୍ ଉପରେ ବନ ବିଭାଗ ପକ୍ଷରୁ ଗୁରୁବାର ଅତର୍କିତ ଚଢ଼ାଉ କରାଯାଇଛି। ଖବର ଲେଖା ହେବା ସୁଧା ପ୍ରାୟ ୧୦୦ ସିଫ୍ଟରୁ ଊର୍ଦ୍ଧ୍ୱ ମୂଲ୍ୟବାନ କାଠ ଜବତ ହୋଇଛି। ଶୁକ୍ରବାର ମାପ ସରିବା ପରେ ଜଣାପଡିବ କେତେ ପରିମାଣର କାଠ ଜବତ ହୋଇଛି। ଚଢ଼ାଉର ନେତୃତ୍ୱ କେନ୍ଦ୍ରୀୟ ରେଞ୍ଜର ପୃଥ୍ୱୀ ରାଜ ପ୍ରଧାନ ନେଇଥିଲେ। ତାଙ୍କୁ ମୂଜାଗଡ଼ି, ଗାଲେରି, ତାରସିଂ, ଜଗନ୍ନାଥ ପ୍ରସାଦ ରେଞ୍ଜ ଷ୍ଟାଫ ଏବଂ ଗାଙ୍ଗପୁର ପୋଲିସ ସହଯୋଗ କରିଥିଲେ। ଏହି ଘଟଣାରେ ଜଡ଼ିତ ଅଭିଯୁକ୍ତ ପୂର୍ବ ସୂଚନା ପାଇ ଫେରାର ହେବାରେ ସକ୍ଷମ ହୋଇଥିଲେ। ଅଭିଯୁକ୍ତଙ୍କୁ ଗିରଫ ପାଇଁ ବିଭାଗ ପକ୍ଷରୁ ଚେଷ୍ଟା ଚାଲିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣକ ନିଜ ଘର ବାରିପଟେ ଆଜକୁ ବର୍ଷ ବର୍ଷ ଧରି ବେନିୟମ ଭାବେ କରତକଳ ଚଳାଇଥିଲେ। ଏତେଦିନ ପର୍ଯ୍ୟନ୍ତ ବନ ବିଭାଗ କର୍ମଚାରୀ କିଭଳି ଜାଣିପାରିଲେ ନାହିଁ ତାହାକୁ ନେଇ ନାନା ପ୍ରଶ୍ନବାଚୀ ଦେଖାଦେଇଛି। କିଛି କର୍ମଚାରୀଙ୍କ ପରୋକ୍ଷ ସହଯୋଗ ଯୋଗୁଁ ତାହା ଏତଦିନ ପର୍ଯ୍ୟନ୍ତ ଚାଲିଥିବା ଅଭିଯୋଗ ହେଉଛି।

### ୩ ପ୍ରକଳ୍ପର ଶିଳାନ୍ୟାସ

ପାଟପୁର,୧୬।୧(ସିମାଞ୍ଚଳ ସାହୁ)

ସାନଖେମୁଣ୍ଡିରେ ପ୍ରାୟ ୩ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି ଆସିକା ଏମ୍‌ପି ସହ ସାନଖେମୁଣ୍ଡି ବିଧାୟକ। ଗଙ୍ଗାପୁର ପଞ୍ଚାୟତର ରଘୁନାଥ ସାଗର କ୍ଷୁଦ୍ର ଜଳସେଚନ ଯୋଜନା ଏବଂ ସାତପେଣ୍ଠ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ଖଇରବାଙ୍କ ଏମ୍‌ଆଇପିର ପୁନରୁଦ୍ଧାର ସହ ସଂଯୋଗ ରାସ୍ତା ନିର୍ମାଣ ସମ୍ପର୍କିତ ୩ଟି ପ୍ରକଳ୍ପର ଏମ୍‌ପି ଅନିତା ଶୁଭଦର୍ଶିନୀ ଓ ବିଧାୟକ ରମେଶ ଚନ୍ଦ୍ର ଜେନା ଶିଳାନ୍ୟାସ କରିଛନ୍ତି। ରଘୁନାଥ ସାଗର ପୁନରୁଦ୍ଧାର କାର୍ଯ୍ୟ ୧ କୋଟି ୮ ଲକ୍ଷ ୪୦ ହଜାର ଏବଂ ସଂଯୋଗ ରାସ୍ତା ନିର୍ମାଣ ପାଇଁ ୬୭ ଲକ୍ଷ ବ୍ୟୟ ଅଟକଳ ରହିଛି। ଏଥିସହ ଖଇରବାଙ୍କ ଏମ୍‌ଆଇପି ପୁନରୁଦ୍ଧାର କାର୍ଯ୍ୟ ପାଇଁ ୮୭ ଲକ୍ଷ ୪୨ ହଜାର ଟଙ୍କାର ପ୍ରକଳ୍ପ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।

# ଜିଲା ଯୋଗାଣ ବିଭାଗର ଦ୍ୱାରସ୍ଥ ଚାଷୀ

ଛତ୍ରପୁର,୧୬।୧(ଦିଲୀପ ସାମଲ):

ଗଞ୍ଜାମ ଜିଲାରେ ଏବେ ସବୁଠି ମିଲରଙ୍କ ମନମାନି ଚାଲିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମିଲର କେଉଁଠି ୭୫ କେଜି ଧାନ ବସ୍ତାରେ ୭୯ କେଜି ମାଗୁଛି ତ କେଉଁଠି ୭୮ କେଜି ମାଗୁଛନ୍ତି। ନଚେତ ଧାନ ଉଠିବ ନାହିଁ ବୋଲି ଚାଷୀଙ୍କୁ କୁହାଯାଉଛି। ଛତ୍ରପୁର ବ୍ଲକ ବିପୁଲିଙ୍ଗି ସେବା ସମବାୟ ସମିତି ଓ ଲକ୍ଷ୍ମୀପୁର ପଞ୍ଚାୟତରେ ଏଭଳି ଚାଲିଥିବାରୁ ଚାଷୀମାନେ ବାଧ ହୋଇ ଗୁରୁବାର ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ପହଞ୍ଚି ଅଧିକାରୀଙ୍କୁ ଜଣାଇଛନ୍ତି।



ଧାନକିଣାରେ ବ୍ୟାପକ ଅବ୍ୟବସ୍ଥା ନେଇ ଗତ ୧୪ ତାରିଖରେ ବିପୁଲିଙ୍ଗି ସେବା ସମବାୟ ସମିତି କାର୍ଯ୍ୟାଳୟରେ ଚାଷୀ ତାଲା ପକାଇଥିଲେ। ଏହାର ସମାଧାନ ନେଇ ୩ରୁ ୪ ଥର ବୈଠକ ବସି ଏକ ନିଷ୍କର୍ଷ ବାହାରିଥିଲା ବୋଲି ସେବା ସମବାୟ ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର ଦାଶ କହିଥିଲେ। ହେଲେ ମିଲର ଚାଷୀଙ୍କୁ ୭୫ କେଜିରେ ଧାନ ବସ୍ତାରେ ୩ କେଜି ଅଧିକ ମାଗୁଥିବା ସେ କହିଥିଲେ । ସେହିପରି ଲକ୍ଷ୍ମୀପୁରରେ ମଧ୍ୟ ୭୫ କେଜି ଧାନ ବସ୍ତାରେ ୪ କେଜି ଅଧିକ ମଗାଯାଉଛି ବୋଲି ଚାଷୀ ଏସ.ସୁର୍ଦ୍ଦଶନ ରେଡ୍ଡୀ କହିଛନ୍ତି । ଏ ପଟେ ବର୍ତ୍ତମାନ ସୁଦ୍ଧା ମଣ୍ଡିରେ କୌଣସି ସରକାରୀ କର୍ମଚାରୀଙ୍କ ଦେଖାନାହିଁ । କିପରି ଧାନ ସୁରୁଖୁରୁରେ ଉଠିବ ତାର ବ୍ୟବସ୍ଥା କରାଯିବ ବୋଲି ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା ଚାଷୀଙ୍କୁ କହିଥିଲେ । ଠିକ ସମୟରେ ଧାନ ନ ଉଠିଲେ ଅଭାବୀ ବିକ୍ରି କରିବା ପାଇଁ ଚାଷୀ ବାଧ ହେବେ । ତେଣୁ ତୁରନ୍ତ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବା ପାଇଁ ଚାଷୀ ନେତା ସୀମାଞ୍ଚଳ ନାହାକ, ନୀଳକଣ୍ଠ ଦାଶ, ଶଙ୍କର ଦାଶ, ଦିଲୀପ ଛୋଟରାୟ ପ୍ରମୁଖ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଜିଲାରେ ଗତ ୩ ତାରିଖରୁ ମଣ୍ଡି ଖୋଲାଯାଇଥିବା ବେଳେ ଏ ଯାବତ ୪୧୪ଟି ମଣ୍ଡିରେ ୨୩୭୫ ଜଣ ଚାଷୀ ୧ଲକ୍ଷ ୨୦ହଜାର ୪୯୨.୭୦ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି।

# ଜିଲା ଶ୍ରମ କାର୍ଯ୍ୟାଳୟରେ ବିଧାୟକ

ଛତ୍ରପୁର,୧୬।୧(ସନ୍ତୋଷ ପାଢ଼ୀ ):

ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଜିଲା ଶ୍ରମ କାର୍ଯ୍ୟାଳୟ ଦେଇ ଯାଉଥିବା ବେଳେ ସେଠାରେ କେତେଜଣ ମହିଳା ରୁଣ୍ଡ ହୋଇଥିବା ଦେଖି ଅଟକିଥିଲେ। ସେମାନଙ୍କ ସମସ୍ୟା ଶୁଣିବା ପରେ ବିଧାୟକ ଅଚାନକ ଶ୍ରମ କାର୍ଯ୍ୟାଳୟକୁ ଜିଲା ଶ୍ରମ ଅଧିକାରୀ ଓ ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ଗରିବ ଶ୍ରମିକଙ୍କ ସମସ୍ୟାକୁ କାହିଁକି ସମାଧାନ କରାଯାଉନି ବୋଲି ପଚାରିଥିଲେ। ଶ୍ରମ କାର୍ଡ ପିଛା ୩୦୦୦ରୁ ୩୫୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ ହେଉଥିବା ଲୋକେ ଅଭିଯୋଗ କରୁଥିବା ସମ୍ପର୍କରେ ପ୍ରଶ୍ନ କରିଥିଲେ। ଏଠାରେ ଥିବା ଗ୍ରାସିମ, ଟିଟାନିୟମ, ଟାଟା ଆଦି କମ୍ପାନୀରେ ଆମ ଅଞ୍ଚଳରେ କେତେଜଣ ଶିକ୍ଷିତ ଯୁବକ ନିଯୁକ୍ତି ପାଇଛନ୍ତି ଏବଂ ଅନ୍ୟ ଜିଲା ଏବଂ ରାଜ୍ୟର କେତେଜଣ ଚାକିରି କରୁଛନ୍ତି, ତାହାର ତାଲିକା ଅଛି କି ବୋଲି ପଚାରିଥିଲେ। ଜିଲା ଶ୍ରମ ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ପରିବାରୁ ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ ଲୋକଙ୍କ କାମ ଯଥାଶୀଘ୍ର ଶେଷ କରିବାକୁ ଅଧିକାରୀଙ୍କୁ ତାଗିଦ କରିଥିଲେ । ଅନ୍ୟପଟେ ବିଧାୟକ ଆସି କମ୍ପାନୀରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ତାଲିକା ଓ ତଥ୍ୟ ସମ୍ପର୍କିତ ଆଲୋଚନା କରିଥିଲେ ବୋଲି ଜିଲା ଶ୍ରମ ଅଧିକାରୀ କହିଛନ୍ତି।

# ଆଜି ରାଜସ୍ୱ ମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ଛତ୍ରପୁର, ୧୬।୧ ( ଦିଲ୍ଲୀପ ସାମଲ)

ଦୁଇ ଥର ଲଗାଣ ବର୍ଷାରେ ରାଜ୍ୟରେ ସବୁଠାରୁ ଅଧିକ କ୍ଷୟକ୍ଷତି ଗଞ୍ଜାମ ଜିଲା ହୋଇଥିଲା। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଏକ ଆକଳନ କରି ପ୍ରାଥମିକ ଭାବେ ୬୦୭୧୨.୬୧ ହେକ୍ଟର ଚାଷ କ୍ଷତି ହୋଇଥିବା ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିଲେ। ଜିଲାକୁ ୮୯ କୋଟି ୭୯ଲକ୍ଷ ୨ହଜାର ୬୩ ଟଙ୍କା ମଞ୍ଜୁର ହେବା ପରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଏବେ କ୍ଷତିପୂରଣ ପ୍ରଦାନ କରାଯାଉଛି। ଇତିମଧ୍ୟରେ ୯୧ ହଜାର ୪ଶହ ଚାଷୀଙ୍କୁ ୪୨ କୋଟି ୪୭ହଜାର ୩୭୯ ଟଙ୍କା ପ୍ରଦାନ କରାଯାଇସାରିଲାଣି। ଏହି ଅବସରରେ ଶୁକ୍ରବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଗଞ୍ଜାମ ଆସି ଜିଲାପାଳ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକ କରିବେ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ଜିଲାରେ ଦୁଇ ଥର ଲଗାଣ ବର୍ଷାରେ ସବୁଠୁ ଅଧିକ କ୍ଷତି ଚାଷୀ ସହିଥିଲେ। ସେମାନଙ୍କ ଧାନ ଅମଳ ସମୟରେ ବର୍ଷା ପାଇଁ ସବୁ ନଷ୍ଟ ହୋଇଥିଲା। ଏନେଇ ରାଜସ୍ୱ ବିଭାଗ,କୃଷି ବିଭାଗ, ଉଦ୍ୟାନ ବିଭାଗ ପକ୍ଷରୁ ଚାଷ ଜମିକୁ ଯାଇ କ୍ଷୟକ୍ଷତି ଅନୁଧ୍ୟାନ କରିଥିଲେ। ୩୩ ପ୍ରତିଶତରୁ ଅଧିକ ଫସଲ କ୍ଷତି ହୋଇଥିବା ଚାଷୀଙ୍କୁ ଏହି କ୍ଷତିପୂରଣ ରାଶି ମିଳିବ। ଗଞ୍ଜାମ ଜିଲାରେ ଚଳିତ ଖରିଫ ୨୦୨୪ ଋତୁରେ ଗଞ୍ଜାମ ଜିଲାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ କ୍ଷତିପୂରଣ ପାଇଁ ୫୩ ହଜାର ୧୨୦ ଆବେଦନ କରିଛନ୍ତି। ସେଥିରୁ ୪୧ ହଜାର ୫୯୫ ଜଣକୁ ୯କୋଟି ୨୯ ଲକ୍ଷ ୧୬ ହଜାର ୪୭୧ ଟଙ୍କା ମିଳିଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା ସୂଚନା ଦେଇଛନ୍ତି।

### ସାଧାରଣତନ୍ତ୍ର ଦିବସ ପାଇଁ ବୈଠକ

ଦାରିଙ୍ଗବାଡ଼ି,୧୬।୧ (ଅରୁଣ ସାହୁ)

ସାଧାରଣତନ୍ତ୍ର ଦିବସ ପାଳନ କରାଯିବା ପାଇଁ ଏକ ପ୍ରସ୍ତୁତି ବୈଠକ ତହସିଲଦାର ଶରତ ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଏସ୍‌ଏସ୍‌ଓ ଖେତୀଶ ପ୍ରିୟଦର୍ଶୀ ସାହୁ ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ଚଳିତ ଥର ଏହି ଜାତୀୟ ଦିବସକୁ ଧୁମ୍‌ଧାମ୍‌ରେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଡିଗ୍ରୀ କଲେଜର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯିବ। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦେଶାତ୍ମକବୋଧକ ସଙ୍ଗୀତରେ ନୃତ୍ୟ ପ୍ରତିଯୋଗିତା, ସାମୁହିକ ପରେଡ, ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତ୍ତି ହୋଇଛି।

# ପଦ୍ମଶ୍ରୀ ଅନୁପ ଜଲୋଟାଙ୍କୁ ସମ୍ବର୍ଦ୍ଧନା



ଛତ୍ରପୁର, ୧୬।୧ (ଦିଲୀପ ସାମଲ)

ବ୍ରହ୍ମପୁର ସ୍ଥିତ ବିବେକ ବିହାର ପଡ଼ିଆରେ ବୈଦିକ ବିଶ୍ୱଶାନ୍ତି ସମିତି ଦ୍ୱାରା ଆୟୋଜିତ ମକରରେ ନବକୁଣ୍ଡିୟ ବିଶ୍ୱଶାନ୍ତି ମହାଯଜ୍ଞ ସମାହିତ ହୋଇଯାଇଛି। ଏହି ବିଶ୍ୱଶାନ୍ତି ମହାଯଜ୍ଞର ମୁଖ୍ୟ ରାମଶଙ୍କର ଶତପଥୀଙ୍କ ଦ୍ୱାରା ପୂର୍ଣ୍ଣାହୁତି ଦିନ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଭଜନ ସମ୍ରାଟ ପଦ୍ମଶ୍ରୀ ଅନୁପ ଜଲୋଟା ଯୋଗ ଦେଇଥିବା ବେଳେ ମା'ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟ ଓ ପୂଜା କମିଟି ତରଫରୁ ତାଙ୍କୁ ଆନୁଷ୍ଠାନିକ ଭାବେ ପୁଷ୍ପଗୁଚ୍ଛ ସହିତ ମା'ଙ୍କ ପଟଚିତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବୈଦିକ ବିଶ୍ୱଶାନ୍ତି ସମିତିର ମୁଖ୍ୟ ପୂଜ୍ୟଗୁରୁ ପଣ୍ଡିତ ରାମଶଙ୍କର ଶତପଥୀ, ଲକ୍ଷ୍ମୀନୃସିଂହ ପଣ୍ଡା, ସଂଯୋଜକ କମଲ ପଣ୍ଡା, ପୂଜା କମିଟି ଉପଦେଷ୍ଟା ତ୍ରିପତି ବାଲାଜୀ ମିଶ୍ର, ପୂଜା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ ଜ୍ୟୋର୍ତିବିଦ ଦୀପକ ଦାଶ, ସହ ସଂଯୋଜକ-ତୁଷାର ଶତପଥୀ, ସୁଧୀର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ମଣ୍ଡି ଅବ୍ୟବସ୍ଥା ପ୍ରତିବାଦରେ ଧାରଣା

ପୁରୁଷୋତ୍ତମପୁର,୧୬।୧(ସିମାଞ୍ଚଳ ମିଶ୍ର): ପୁରୁଷୋତ୍ତମପୁର ବ୍ଲକ ବାଘଲା ପଞ୍ଚାୟତରେ ମଣ୍ଡିରେ ଧାନକିଣା ଅବ୍ୟବସ୍ଥାକୁ ନେଇ ଗୁରୁବାର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ମଣ୍ଡିରେ ତୁରନ୍ତ ଧାନ କିଣାଯାଉ ବୋଲି ଦାବିକରି ଚାଷୀମାନେ ରାସ୍ତା ଉପରେ ଧାନବସ୍ତା ରଖି ଧାରଣା ଦେଇଥିଲେ। ଗତ ୩ ତାରିଖରେ ସରକାରଙ୍କ ପକ୍ଷରୁ ଏଠାରେ ୨ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ମଣ୍ଡି ଖୋଲାଯାଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଚାଷୀମାନଙ୍କଠାରୁ ଧାନ କିଣାଯାଉ ନ ଥିବା ଅଭିଯୋଗ ହୋଇଛି। ୩ ତାରିଖରୁ ଚାଷୀଙ୍କୁ ଟୋକନ ଦିଆଯାଇଛି। ହେଲେ ଧାନ ନିଆଯାଉ ନ ଥିବାରୁ ଚାଷୀମାନେ ନିଜର କଷ୍ଟ ଉପାର୍ଜିତ ଧାନକୁ ସୁରକ୍ଷିତ ଭାବେ ରଖିପାରୁନାହାନ୍ତି।



ରାସ୍ତାରେ ଧାନବସ୍ତା ରଖି ଚାଷୀମାନେ ଧାରଣା ଦେଇଛନ୍ତି।

ଏହା ପ୍ରତିବାଦରେ ଚାଷୀ ଆନ୍ଦୋଳନକୁ ଓହ୍ଲାଇଥିବା କହିଛନ୍ତି। ଗତ ଲଗାଣ ବର୍ଷାରେ ଧାନର ମାନ ନଷ୍ଟ ହୋଇଥିବା କାରଣରୁ ଚାଉଳ ଭଲ ହେବ ନାହିଁ। ତେଣୁ ଏହିଧାନକୁ ମିଲରମାନେ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ଚାଷୀଙ୍କ ଆନ୍ଦୋଳନ ଖବରପାଇ ବ୍ଲକ ଯୋଗାଣ ନିରୀକ୍ଷକ ନିଲିମା ପ୍ରିୟଦର୍ଶିନି ମହାନ୍ତି ସେଠାକୁ ଯାଇ ବୁଝାଶୁଝା କରିବା ସହ ଏଫଏକ୍ୟୁ ମାନ ରହିଥିବା ଧାନକୁ ମଣ୍ଡିରେ ନିଆଯିବ ଓ ଯେଉଁଧାନର ମାନ ଭଲ ନାହିଁ ଅର୍ଥାତ୍ ଗମୁ ହୋଇଯାଇଛି ସେଥିନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି କହିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

### ଚିଫ୍ ମିନିଷ୍ଟର ଫୁଟବଲ କପ୍ ଉଦ୍‌ଘାଟିତ

ଫୁଲବାଣୀ, ୧୬।୧(ରାକେଶ କୁମାର ରାଉତ)

କନ୍ଧମାଳ ଷ୍ଟାଡିୟମରେ ଗୁରୁବାର ଚିଫ ମିନିଷ୍ଟର ଫୁଟ୍‌ବଲ କପ୍ ଗୁରୁବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଓଡିଶା ଅଲମ୍ପିକ ଆସୋସିଏଶନ ଉପସଭାପତି କମଳାକାନ୍ତ ପାଣ୍ଡେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡିଶା ଫୁଟବଲ ଆସୋସିଏଶନ ପୂର୍ବତନ ସଭାପତି ହୃଦୟରଞ୍ଜନ ବେହେରା, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ଅନୁଷ୍ଠିତ ମ୍ୟାଚରେ ଫୁଲବାଣୀ ଫୁଟବଲ ଆସୋସିଏଶନ ଓ ପଇସାହି କଳିଙ୍ଗ ଯୁବ ପରିଷଦ ପରସ୍ପରକୁ ଭେଟିଥିଲେ। ଫୁଲବାଣୀ ଫୁଟବଲ ଆସୋସିଏଶନ ୩-୧ ଗୋଲରେ ବିପକ୍ଷ ପଇସାହି ଦଳକୁ ହରାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ନେତାଜୀ କ୍ଲବ ଓ ଶିବଶକ୍ତି କ୍ଲବ ପରସ୍ପରକୁ ଭେଟିଥିଲେ। ଏଥିରେ ନେତାଜୀ କ୍ଲବ ବିପକ୍ଷ ଶିବଶକ୍ତି କ୍ଲବକୁ ୭-୦ ଗୋଲରେ ହରାଇଛି। ଫଳରେ ବିଜୟୀ ଦୁଇଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଏହି ଖେଳ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

### ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ

ଚିକିଟି,୧୬।୧(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ କଳବାଡ଼ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡିରି ଗ୍ରାମରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଜନାର୍ଦ୍ଦନ ସାହୁଙ୍କ ରୋଷେଇ ଘରେ ଥିବା ଫ୍ରିଜ ସମେତ ବିଭିନ୍ନ ଆସବାବ ପତ୍ର ପୋଡି ପାଉଁଶ ହୋଇଯାଇଛି। ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଏନେଇ ଗ୍ରାମବାସୀ ଜଣାଇବା ପରେ ଘଟଣା ସ୍ଥଳରେ ଚିକିଟି ଦମକଳ କେନ୍ଦ୍ର ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ଘୁମୁସର ଲେଖିକା ସଂସଦ ପକ୍ଷରୁ କବିତା ଆସର



କବିସୂର୍ଯ୍ୟନଗର, ୧୬।୧ (କୃପାସିନ୍ଧୁ ସ୍ୱାଇଁ)

ସାହିତ୍ୟିକା ଇ. ମାହେଶ୍ୱରୀ ଦୋରାଙ୍କ ସଭାପତିତ୍ୱରେ ନିଜ ପ୍ରାଙ୍ଗଣରେ ଭଞ୍ଜନଗର ଘୁମୁସର ଲେଖିକା ସଂସଦ ତରଫରୁ ଏକ ଶୀତକାଳୀନ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ସମ୍ପାଦିକା ଡ.ନଳିନୀକାନ୍ତ ଦାସ ସଂଯୋଜନା କରିଥିଲେ ଓ ନିଜ ଲିଖିତ ନୂତନ କବିତା ପାଠ କରିଥିଲେ। ଆସରର ମୁଖ୍ୟ ଅତିଥି ଭାବେ ପୁଷ୍ପାଞ୍ଜଳି ମହାପାତ୍ର, ମୁଖ୍ୟବକ୍ତା ଭାଗ୍ୟଲତା ପଣ୍ଡା, ସମ୍ମାନିତ ଅତିଥି ସମାଜସେବୀ ଏ.ବ୍ରହ୍ମାନନ୍ଦ ଆଚାରୀ ଯୋଗ ଦେଇ ସାହିତ୍ୟ ଚର୍ଚ୍ଚା, ଆସରର ଗୁରୁତ୍ୱ, ନାରୀମାନଙ୍କ ନେତୃତ୍ୱଭାବ, ସମାଜରୁ କୁପ୍ରଥା ଦୂରୀକରଣ, ନିରକ୍ଷରତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡା. ଗାୟତ୍ରୀ ସାହୁ, ଆରତୀ ସେଠି, ରୁନୁବାଳା ଦାସ, ପୁଷ୍ପାଞ୍ଜଳି ସାହୁ, ସୁଚେତା କୁମାରୀ ସ୍ୱାଇଁ, ଶୁଭସ୍ମିତା ଦାସ ଆଦି ନିଜସ୍ୱ କବିତା ପାଠ କରିଥିଲେ। ସଂଯୋଜିକା ଇ. ମାହେଶ୍ୱରୀ ଦୋରାଙ୍କ ବଦାନ୍ୟତାରେ ଦରିଦ୍ର, ନିଷ୍ପେସିତ ମହିଳାଙ୍କୁ ଅନ୍ନ ଓ ଶୀତ ବସ୍ତ୍ର କମଳ ବଣ୍ଟନ କରିଥିଲେ। ଅନ୍ୟ ମହିଳା ସଦସ୍ୟ ସହଯୋଗ କରିଥିଲେ। ଲେଖିକା ଆରତୀ ସେଠି ଧନ୍ୟବାଦ ଅର୍ପଣ କରିଥିଲେ।

# ଠିକା ସଂସ୍ଥାର ପ୍ଲାଣ୍ଟରେ ନିଆଁ

ଦାରିଙ୍ଗବାଡି, ୧୬।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଶ୍ରୀନିକେତା ପଞ୍ଚାୟତ ଦଣ୍ଡିମାହାଠାରେ ଥିବା ଏକ ଠିକସଂସ୍ଥାର ପ୍ଲାଣ୍ଟରେ ଗୁରୁବାର ସକାଳେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ପୋଡି ନଷ୍ଟ ହୋଇଛି। ତେବେ ସଂସ୍ଥାର କର୍ମଚାରୀଙ୍କ ଉପସ୍ଥିତି ବୁଦ୍ଧି ପାଇଁ ବଡ଼ ବିପଦ ଟଳି ଯାଇଛି। ପ୍ରକାଶ ଯେ, ପିଚୁ ପ୍ଲାଣ୍ଟରେ କାର୍ଯ୍ୟଚାଲିଥିବା ବେଳେ ବିଦ୍ୟୁତ୍ ସର୍ଟ ସର୍କିଟ୍ ଘଟି ଜେନେରେଟରରେ ନିଆଁ ଲାଗିଯାଇଥିଲା। ନିଆଁକୁ ଆୟତ୍ତ କରା ନ ଗଲେ ପିଚୁ ପ୍ଲାଣ୍ଟରେ ନିଆଁ ଲାଗିବା ସମ୍ଭାବନାକୁ ଦୃଷ୍ଟିରେ ରଖି ସଂସ୍ଥା ପକ୍ଷରୁ ଅଗ୍ନିଶମ ବିଭାଗକୁ ଡକାଯାଇଥିଲା। ଏହି ସମୟ ମଧ୍ୟରେ ପ୍ଲାଣ୍ଟରେ କାର୍ଯ୍ୟକରୁଥିବା ଶ୍ରମିକ ମାନେ ଉପସ୍ଥିତି ବୁଦ୍ଧି ଖଟାଇ

**ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ନଷ୍ଟ**



ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଉଛନ୍ତି ।

କ୍ରସରରୁ ବାହାରୁଥିବା ପଥର ଗୁଣ୍ଡ ପକାଇ ଜେନେନେଟରରେ ଲାଗିଥିବା ନିଆଁକୁ ଆୟତ୍ତ କରିବାକୁ ପ୍ରୟାସ କରିଥିଲେ। ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ୍ତ କରିଥିଲେ। ନଷ୍ଟ ହୋଇଥିବା ଜେନେନେଟରର ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କା ହେବ ବୋଲି ଠିକା ସଂସ୍ଥା ପକ୍ଷରୁ କୁହାଯାଇଛି।

# ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଶେରଗଡ଼, ୧୬।୧(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ଅନ୍ତର୍ଗତ ଧନନ୍ତର ସ୍ଥିତ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଛି। ଆଗନ୍ତୁକ ଅତିଥିମାନେ ପହଞ୍ଚିବା ପରେ ବିଦ୍ୟାଳୟର ସମ୍ମୁଖରେ ଥିବା ଗଜାନନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମଞ୍ଚକୁ ପାଛୋଟି ନିଆଯିବା ପରେ ସମସ୍ତ ଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର ପ୍ରଧାନ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୋରେଶ ସେଠୀ, ଅବସର ପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପାଢ଼ୀ, ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ନବୀନ ଚନ୍ଦ୍ର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମକରା ସ୍ୱାଇଁ, ବିଜ୍ଞାନ ଅଧାପକ ଶିଶିରକାନ୍ତ ତ୍ରିପାଠୀ, ସମିତିସଭ୍ୟ ରବିନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ପରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ଭାବେ ଅଶୋକ ପ୍ରସାଦ ତ୍ରିପାଠୀ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରମାନଙ୍କ ଅବିଭାବକମାନେ ଉପସ୍ଥିତ ଥିଲେ।

# ନେଟ୍‌ୱର୍କ ସମସ୍ୟା ନେଇ ଜିଲାପାଳଙ୍କୁ ଅଭିଯୋଗ

ଖଜୁରିପଡ଼ା,୧୬।୧( ବିଦୁର ବେହେରା)

ଖଜୁରିପଡ଼ା ସଦରମହକୁମା ଠାରେ ନେଟୱର୍କ ସମସ୍ୟା ଲାଗିରହିଥିବାରୁ ଖଜୁରିପଡ଼ାବାସୀ ସ୍ୱତନ୍ତ୍ର ଜିଓ ଟାୱାର ସ୍ଥାପନ ପାଇଁ ଜିଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି। ଏଥିରେ ଉଲ୍ଲେଖ ରହିଛି, ଖଜୁରିପଡ଼ା ବିଏସ୍‌ଏନ୍‌ଏଲ୍ ଟାୱାର ଉପରେ ହିଁ ଜିଓ ନେଟୱର୍କ ସଂଯୋଗ ହୋଇଥିବାରୁ ବିଦ୍ୟୁତ୍ ଚାଲିଗଲେ ଉଭୟ ନେଟୱର୍କ ଫେଲ ହୋଇଯାଉଛି। ଫଳରେ ଅଞ୍ଚଳବାସୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଖଜୁରିପଡ଼ା ବିଦ୍ୟୁତ୍ ଲୁଚକାଳି ଖେଳିବା ପରି ଗଛର ପତ୍ର ହଲିଲେ ବିଦ୍ୟୁତ୍ ଚାଲିଯାଉଛି। ଅନେକ ସମୟ ବିଦ୍ୟୁତ୍ କାଟ ହେଉଛି। ତେଣୁ ନେଟୱର୍କ ଫେଲ୍ ହେଉଥିବାରୁ ଅଫିସ କାମରେ ସମସ୍ୟା ଉପୁଜିଛି। ସେହିପରି ଛାତ୍ରୀଛାତ୍ର ଅନଲାଇନ୍ ପାଠପଢାରେ ବ୍ୟାଘାତ ହେଉଛି। ବ୍ୟାଙ୍କ୍, ଜନସେବା କେନ୍ଦ୍ରଗୁଡ଼ିକରେ ଟଙ୍କା ନେଣଦେଣ କରିବାରେ ଅସୁବିଧା ହେଉଛି ବୋଲି ଜନସେବା କେନ୍ଦ୍ର ପରିଚାଳକ ମାନେ କହିଛନ୍ତି। ଏହା ସଦରମହକୁମା ହୋଇଥିବାରୁ ୧୪ଟିପଞ୍ଚାୟତର ଲୋକମାନେ ବ୍ଲକ, ଥାନା, ମେଡିକାଲ, ତହସିଲକାର୍ଯ୍ୟାଳୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ବିଭିନ୍ନ କାର୍ଯ୍ୟରେ ଆସି ନେଟୱର୍କ ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଏକ ସ୍ୱତନ୍ତ୍ର ଜିଓ ନେଟୱର୍କ ସ୍ଥାପନ କରିବା ପାଇଁ ବିଘ୍ନେଶ୍ୱର ବେହେରା,କେଶବ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ସାହୁ, ସୁବ୍ରତ ଶତପଥୀ, ପ୍ରଭାତ ବରର୍ତ୍ତୀ, ରବୀନ୍ଦ୍ର ଚୌଧୁରୀ ସମେତ ଅନ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ।

# ମଣ୍ଡିରେ ଧାନ ସଂଗ୍ରହରେ ଅବ୍ୟବସ୍ଥା,ଚାଷୀ ହଇରାଣ

ପାରଳାଖେମୁଣ୍ଡି,୧୬।୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାରେ ଧାନ ସଂଗ୍ରହ ନୀତିରେ ବ୍ୟାପକ ଅନିୟମିତତା ଦେଖାଦେଇଛି। ପ୍ରଶାସନର ଅବହେଳାର ପରିଣାମ ଚାଷୀଙ୍କୁ ଭୋଗିବାକୁ ପଡୁଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାରେ ପ୍ରଥମେ ଡିସେମ୍ବର ୩୦ରେ ମଣ୍ଡି ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇ ପରବର୍ତ୍ତୀ ସମୟରେ ବର୍ଷା ଯୋଗୁ ଏହାକୁ ଘୁଞ୍ଚାଇ ଜାନୁଆରୀ ୭ରେ ମଣ୍ଡି ଖୋଲିଥିଲା। ପ୍ରଶାସନର ଦାୟିତ୍ୱହୀନତା ଓ ଅବହେଳା ଯୋଗୁ ଏବେ ଚାଷୀ ଟୋକନ ଥାଇ ମଧ୍ୟ ମଣ୍ଡିରେ ଧାନ ବିକ୍ରି କରିପାରୁ ନାହାନ୍ତି। ଟୋକନ ଧାର୍ଯ୍ୟ ତାରିଖଠାରୁ ଦିନ ଗଡି ଚାଲିଥିବାରୁ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରିବେ କି ନାହିଁ ଚିନ୍ତାରେ ପଡିଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲାର ଅଧିକାଂଶ ମିଲର ଧାନ ନେବାପାଇଁ ସହମତି ପ୍ରଶାସନକୁ ଜଣାଇନାହାନ୍ତି । ୧୨ ଜଣ ମିଲର ପ୍ରଶାସନକୁ ନିଜ ସହମତି ଜଣାଇଥିବା ବେଳେ ୨୨ଟି ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଥିବା ଜିଲା ଯୋଗାଣ ଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା କହିଛନ୍ତି।

ଅନ୍ୟପକ୍ଷରେ ଯେଉଁସବୁ ସ୍ଥାନରେ ମଣ୍ଡି ଖୋଲାଯାଇଛି ସେଠାରୁ ମିଲ୍ ୩୦ରୁ ୫୦ କି.ମି. ଦୂର। ଫଳରେ ଚାଷୀଙ୍କୁ ବସ୍ତା ପିଛା ପରିବହନ ଖର୍ଚ୍ଚ ୧୦୦ରୁ ୨୦୦ ଟଙ୍କା ଅଧିକ ଦେବାକୁ ପଡ଼ିବ। ଏଥିଯୋଗୁ ଚାଷୀ ମଣ୍ଡିରେ ଧାନ ଦେବାକୁ ଜିଦ ଧରି

**ପ୍ରଶାସନର ମନମାନି**

ବସିଛନ୍ତି। ଯେଉଁଠି ମଣ୍ଡି ଖୋଲାଯାଇଛି ସେଠାରେ ଚାଷୀଙ୍କ ଧାନ ରଖିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ମଣ୍ଡିରେ ସୋସାଇଟି ସେକ୍ରେଟାରି ରେବତୀ ମୋହନ ରାଉତ ଚାଷୀଙ୍କୁ କୌଣସି ମିଲର ଧାନ ନେବାଯାଏ ମଣ୍ଡିରେ ଚାଷୀଙ୍କ ନିଜ ଧାନର ଦାୟିତ୍ୱ ନିଜେ ନେବାକୁ ସେମାନଙ୍କୁ ବାଧ୍ୟ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା ଯେଉଁ କେତେଜଣ ଚାଷୀଙ୍କ ମିଲରଙ୍କ ପାଖକୁ ଧାନ ନେଉଛନ୍ତି ସେଠାରେ କୁଇଣ୍ଟାଲ ପିଛା ବିଭିନ୍ନ ଆଳ ଦେଖାଇ ୫ କିଲୋ ପର୍ଯ୍ୟନ୍ତ କାଟ କରୁଥିବା ଜିଲା କୃଷକ ସଂଘ ସଭାପତି ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ଗୋପୀନାଥ ପାତ୍ର, ରଶ୍ମି ରଞ୍ଜନ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗୁରୁବାର ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ପଡ଼ିଆରେ ଖୋଲା ଯାଇଥିବା ମଣ୍ଡିରେ ଚାଷୀଙ୍କ ଅସନ୍ତୋଷ ଦେଖିବାକୁ ମିଳିଛି । ଦୀର୍ଘ ସମୟ ଧରି ଚାଷୀ ଓ ଯୋଗାଣ ଅଧିକାରୀ ବେହେରାଙ୍କ ମଧ୍ୟରେ ବିବାଦୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ପରେ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଓ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ସେମାନଙ୍କ ଅଭିଯୋଗ ପ୍ରକାରେ ସମସ୍ତ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ତେବେ ମିଲରଙ୍କ ସହ ଏଯାବତ ଚୁକ୍ତିସ୍ୱାକ୍ଷର ହୋଇ ନ ଥିବା ନେଇ ପ୍ରଶାସନ ପକ୍ଷରୁ ହୋଇଥିବା ଅବହେଳାକୁ ଆଲୋଚନା ବେଳେ ସ୍ୱୀକାର କରାଯାଇଥିଲା। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଡୋଶୀ ଜିଲାର ମିଲରମାନଙ୍କ ସହ ଆଲୋଚନା କରି ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ଅଧିକାରୀମାନେ କହିଛନ୍ତି । ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ଧାନ ସଂଗ୍ରହ ନ କଲେ ଚାଷୀ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

## ମାଟି ଅତଡ଼ା ଖସି ଶ୍ରମିକ ମୃତ

ଦିଗପହଣ୍ଡି,(ଅଶେଷ ନାଥ ମିଶ୍ର) ସାନଖେମୁଣ୍ଡି ବ୍ଲକ ଆମ୍ବଗାଁ ନିକଟ କାଙ୍କରା ପାହାଡ଼ରୁ ଗୁରୁବାର ମାଟି ଅତଡ଼ା ଖସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଦିଗପହଣ୍ଡି ଥାନା ଚୁଡୁଙ୍ଗପୁର ଗ୍ରାମ ମିଲ୍ ସାହିର ଏ.ପଞ୍ଚୁ ପାତ୍ର(୬୦)। ସକାଳେ ସେ ଗାଁ ପାହାଡ଼ରୁ ପଥର ଖୋଳୁଥିବା ବେଳେ ଅସାବଧାନତା କାରଣରୁ ତାଙ୍କ ଉପରେ ମାଟି ଅତଡ଼ା ଖସି ପଡିଥିଲା। ନିକଟରେ ଥିବା କେତେଜଣ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ସହାୟତାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପଞ୍ଚୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ଗଞ୍ଜାମ ଜିଲା ପୁରୁଷ ଓ ମହିଳା ବକ୍ସିଂ ଚୟନ ଶିବିର ୧୮ରେ

ବ୍ରହ୍ମପୁର,୧୬।୧(ସୁବାସ ଚନ୍ଦ୍ର ପାଢ଼ୀ) ଆସନ୍ତା ୨୧ ଓ ୨୨ ତାରିଖରେ ରାଉରକେଲାଠାରେ ରାଜ୍ୟସ୍ତରୀୟ ବକ୍ସିଂ ୟୁଥ ଓ କନିଷ୍ଠ ମହିଳା ଓ ପୁରୁଷ ପ୍ରତିଯୋଗିତା ହେବ। ଏଥିପାଇଁ ଜିଲାସ୍ତରୀୟ ଚୟନ ଶିବିର ଆସନ୍ତା ୧୮ ତାରିଖ ମହାତ୍ମାଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ। ଶିବିରରେ ଭାଗ ନେବା ପାଇଁ ସକାଳ ୮ଟା ପୂର୍ବରୁ ଜନ୍ମ ପରିଚୟ ପ୍ରମାଣ ପତ୍ର, ପାସପୋର୍ଟ ସାଇଜ ୨ଟି ଫଟୋ ଏବଂ ଆଧାର କାର୍ଡ ନେଇ ଆସିବାକୁ ଶିଶିର କୁମାର ପାଣିଗ୍ରାହୀ ଏବଂ କେ. ପ୍ରଭାକର ରାଓଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଜିଲାର ବିଭିନ୍ନ ଅଞ୍ଚଳର ବକ୍ସର ଏଥିରେ ଯୋଗଦେଇପାରିବେ ବୋଲି ଜିଲା ଆଥଲେଟିକ ଆସୋସିଏଶନ ସମ୍ପାଦକ ଜେ.କାମେଶ୍ୱର ରାଓ କହିଛନ୍ତି।

### ବାଇକ୍‌ରୁ ଖସି ଜଣେ ମୃତ

ପାତ୍ରପୁର,୧୬।୧(ଉମା ଚରଣ ନେପାକ): ପାତ୍ରପୁର ବ୍ଲକ ସୁରଙ୍ଗି ପଞ୍ଚାୟତ ଠଣାଗାଁ ନିକଟରେ ଗୁରୁବାର ବାଇକ୍‌ରୁ ଖସି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଚିକିଟି ବ୍ଲକ ସୋରଳ ଗ୍ରାମର ଟଙ୍କଧର ସାହୁ। ଟଙ୍କଧର ବାଇକରେ ସୁରଙ୍ଗି ଯାଇ ଫେରୁଥିବା ବେଳେ ଠଣାଗାଁ ନିକଟରେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାତ୍ରପୁର ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଜରଡ଼ା ପୋଲିସ ଘଟଣାର ତଦନ୍ତ କରୁଛି।

### ଗୁଣାତ୍ମକ ବିଦ୍ୟୁତ୍ ସେବା ପାଇଁ ନୂତନ ୟୁଆର ପ୍ଲସ ୬ ଟାୱାର ସ୍ଥାପନ

ବ୍ରହ୍ମପୁର,୧୬।୧(ସ୍ମୃତି ରଞ୍ଜନ ମହାଲିକ)

ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଣ ପାଇଁ ଟିପିଏସ୍‌ଓଡିଏଲ ଉପଭୋକ୍ତାଙ୍କ ପାଇଁ ଆସିକାର ବଡ ନଦୀଠାରେ ଏକ ନୂତନ ୟୁଆର ପ୍ଲସ ୬ ଟାୱାର ସ୍ଥାପନ କରିଛି। ବନ୍ୟା ଭଳି ପ୍ରତିକୂଳ ପରିସ୍ଥିତିରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସହ ବିଦ୍ୟୁତଜନିତ ଦୁର୍ଘଟଣାରୁ ସ୍ଥାନୀୟ ବାସିନ୍ଦାଙ୍କୁ ସୁରକ୍ଷିତ ରଖିବା ପାଇଁ ଏହି ଉପଯୁକ୍ତ ଭିତ୍ତିଭୂମି। ପୂର୍ବରୁ ବଡ ନଦୀ ଉପରେ ପରିବାହୀର ଗ୍ରାଉଣ୍ଡ କ୍ଲିୟରାନ୍ସ କମ ଥିଲା। ବନ୍ୟା ସମୟରେ ୩୩ କେଭି ବିଦ୍ୟୁତ ଲାଇନ ଜଳସ୍ତର ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କା ଥିଲା। ମତ୍ସ୍ୟଜୀବୀ ଓ ଜନସାଧାରଣଙ୍କ ପ୍ରତି ଥିବା ବିପଦକୁ ଏଡାଇବା ପାଇଁ ବିଦ୍ୟୁତ କାଟ ହିଁ ସମାଧାନ ଥିଲା। କିନ୍ତୁ ବର୍ତ୍ତମାନ ଉକ୍ତ ଟାୱାର ସ୍ଥାପନ ପରେ ଗ୍ରାଉଣ୍ଡ କ୍ଲିୟରାନ୍ସ ୨୪ ମିଟରକୁ ବୃଦ୍ଧି ପାଇଛି। ନୂତନ ଟାୱାରର ଦୃଢତା ଯୋଗୁଁ ଘୂର୍ଣ୍ଣିବଳୟ ଓ ଝଡ ବର୍ଷା ସମୟରେ ବିଜୁଳି ଯୋଗାଣ ହୋଇପାରିବ। ଆସିକା ଏନଏସି ଓ ୭ ପଞ୍ଚାୟତର ପ୍ରାୟ ୧୩୦୦୦ରୁ ଉର୍ଦ୍ଧ୍ୱ ଉପଭୋକ୍ତା ଉପକୃତ ହେବେ ବୋଲି ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି।

### ଆତ୍ମରକ୍ଷା ତାଲିମ ଶିବିର ସରିଲା

ଗଞ୍ଜାମ/ବେଲଗୁଣ୍ଠା,୧୬।୧(ବିଦ୍ୟାଧର ସାହୁ/ କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଗଞ୍ଜାମ ବ୍ଲକ ଖଣ୍ଡଦେଉଳି ଶହୀଦ ଭଗତ ସିଂ କଲେଜରେ ଏକ ସପ୍ତାହ ଧରି ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନରସିଂହ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଖଣ୍ଡଦେଉଳି ମେଡିକାଲ ଡ଼କ୍ଟର ଯଶସ୍ୱୀ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ପ୍ରାଧ୍ୟାପକ ଅଭିମନ୍ୟୁ ସାହୁ, ପ୍ରଶାନ୍ତ ଚୌଧୁରୀ, ଭଗବାନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ତଥା ସେଲ୍ଫ ଡିଫେନ୍ସ ସଂଯୋଜିକା ମିନତୀ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ଡ଼ଃ ଗୌରୀ ଶଙ୍କର ଶତପଥୀଙ୍କ ସମେତ କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଥିଲେ।

ସେହିପରି ବେଲଗୁଣ୍ଠା ବ୍ଲକ୍ ଗୋବରାସ୍ଥିତ ପ୍ରଫୁଲ୍ଲ କୁମାରୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ତାଲିମ ଶିବିର ଉଦ୍‌ଯାପନୀରେ ଅଧ୍ୟକ୍ଷା ମାମା ପରିଡ଼ାଙ୍କ ଅଧ୍ୟକ୍ଷତା କରିଥିଲେ। ଶିକ୍ଷାବିତ୍ କୁଞ୍ଜବିହାରୀ ନାୟକ ମୁଖ୍ୟ ଅତିଥି, ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ବିଶ୍ୱାଳ, ଅଧ୍ୟାପିକା ନଳିନୀ ପ୍ରଭା ଦାସ, ସୁଚେତା ସ୍ୱାଇଁ, ସୁଧୀରା ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କର୍ମଚାରୀ ନଳିନୀ ଜେନା, ଅଞ୍ଜଳି ପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ୧୨୩ ପ୍ୟାକ୍ସର ନିଜସ୍ୱ ଗୋଦାମ ନାହିଁ

ବ୍ରହ୍ମପୁର,୧୬।୧(ଅଶୋକ କୁମାର ସାହୁ)

ବର୍ତ୍ତମାନ ଜୋରସୋରରେ ଖରିଫ ଧାନ କିଣା ଚାଲିଛି। ଜିଲାରେ ଥିବା ୩୬୬ ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ସହିତ ୧୧୧ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ଧାନକିଣାର ଦାୟିତ୍ୱ ନେଇଛନ୍ତି। ତେବେ ଅଧିକାଂଶ ପ୍ରାଥମିକ କୃଷି ସମବାୟ ସମିତିରେ ଚାଷୀଙ୍କୁ ସୁବିଧା ଦେବା ଭଳି କୌଣସି ବ୍ୟବସ୍ଥା ନାହିଁ। ସମବାୟ ବିଭାଗ ପକ୍ଷରୁ ଏଥିପ୍ରତି ଗୁରୁତ୍ୱ ଦିଆଯାଉଥିଲେ ବି କେଉଁଠି ନା କେଉଁଠି ତ୍ରୁଟି ଯୋଗୁ ତାହା ସମ୍ଭବ ହେବାରେ ବିଳମ୍ବ ହେଉଛି। ବର୍ତ୍ତମାନ ଜିଲାର ୧୨୩ ପ୍ୟାକ୍ସର ନିଜସ୍ୱ ଗୋଦାମ ନାହିଁ। କେତେକ ପ୍ୟାକ୍ସ ଭଡାରେ ଗୋଦାମ ନେଇ କାର୍ଯ୍ୟ କରୁଛନ୍ତି। ୨୪୩ ପ୍ୟାକ୍ସର ନିଜସ୍ୱ ଗୋଦାମ ଥିଲେ ବି ଆନୁସଙ୍ଗିକ ବ୍ୟବସ୍ଥା ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି। ଚଳିତ ଖରିଫ ଋତୁରେ ପଞ୍ଜିକରଣ କରିଥିବା ୧ ଲକ୍ଷ ୪୬ ହଜାର ୫୦୪ ଚାଷୀ ଧାନ ବିକିବେ। ୪୪ ଲକ୍ଷ ୮୧ ହଜାର ୭୬୦ କୁଇଣ୍ଟାଲ ଧାନ କିଣାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। କିନ୍ତୁ ଗୁରୁବାର ସୁଦ୍ଧା ଜିଲାରେ ୪୧୪୨ ଚାଷୀ ଧାନ ବିକ୍ରି କରିଛନ୍ତି। ୨ ଲକ୍ଷ ୧ ହଜାର ୧୪୩.୬୯ କୁଇଣ୍ଟାଲ ଧାନ କିଣାଯାଇଥିବା ସମବାୟ ବିଭାଗ ରେକର୍ଡ କହୁଛି। କିନ୍ତୁ ଚାଷୀ ମଣ୍ଡିକୁ ଧାନ ଆଣି ବାହାରେ ଗଦେଇ କରୁଛନ୍ତି। ପ୍ୟାକ୍ସଗୁଡିକ ବି ଧାନ କିଣୁଥିବାବେଳେ ଗୋଦାମ ନଥିବାରୁ ବାହାରେ ଗଦେଇ ହୋଇ ରହୁଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୬୫ ପ୍ରାଥମିକ ସେବା ସମବାୟ ସମିତିର ଭିତ୍ତିଭୂମିର ବିକାଶ ପାଇଁ ୮ କୋଟି ୧୯.୯୧ ଲକ୍ଷ ଟଙ୍କା ମଂଜୁର ହୋଇଛି। ପ୍ରତି ବ୍ଲକର ବିଡିଓମାନଙ୍କୁ ଏହି କାର୍ଯ୍ୟର ତଦାରଖ କରିବାକୁ ଦାୟିତ୍ୱ ମିଳିଛି। ଏଥି ସହିତ ୬୬ଟି ପ୍ୟାକ୍ସର ଧାନକିଣା କେନ୍ଦ୍ରର ବିକାଶ ପାଇଁ ନିର୍ଦ୍ଧାରିତ ଆର୍ଥିକ ଅନୁଦାନ ମିଳିଛି। ଏହି ଅର୍ଥରେ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳ ଶୌଚାଳୟ, ଧାନଶୁଖିବା ପାଇଁ ପ୍ଲାଟଫର୍ମ ଆଦି ନିର୍ମାଣ କରାଯିବ। ଗୋଟିଏ ଗୋଟିଏ କେନ୍ଦ୍ର ପାଇଁ ହାରାହାରି ୫୦ ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ଆସିଥିବା ସମବାୟ ବିଭାଗ ଅନୁମାନ କରିଛି। କିନ୍ତୁ ଏନେଇ କୌଣସି ସଠିକ ତଥ୍ୟ ମିଳନି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ଚାଷୀଙ୍କୁ ମିଳିଥିବା ଟୋକନ ଅବଧି ୩୦ରୁ ୪୫ଦିନକୁ ବୃଦ୍ଧି ପାଇଛି। ଧାନ କିଣିବା ସମୟ ସୀମା ରହିଛି ଆସନ୍ତା ମାର୍ଚ୍ଚ ୩୧ ତାରିଖ। ଧାନ କିଣିବା ସମୟ ଆଉ ମାତ୍ର ୭୫ ଦିନ ରହିଛି। ଏତିକି ଦିନ ଭିତରେ ସମସ୍ତ ଚାଷୀ ଧାନ ବିକିବା ଭଳି ଦେଖାଯାଉନି ବୋଲି ଜଣେ ବିଶିଷ୍ଟ ଚାଷୀନେତା ପ୍ରକାଶ କରିଛନ୍ତି। ଏଣେ ଅଦିନିଆ ବର୍ଷାରୁ ଅନେକ ଚାଷୀଙ୍କ ଧାନ କ୍ଷତି ହୋଇଛି। ମଣ୍ଡିକୁ ଯେଉଁ ଧାନ ଆସୁଛି ସ୍ୱୟଂ ଚାଳିତ ଶସ୍ୟ ପରୀକ୍ଷଣ ଯନ୍ତ୍ରରେ ତାହାର ମାନ ଏଫଏକ୍ୟୁ ଦର୍ଶାଉନାହିଁ ବୋଲି ଅନେକ ଚାଷୀ ଅଭିଯୋଗ କରିଛନ୍ତି। ପ୍ୟାକ୍ସ ସମ୍ପାଦକ, ଡାଟା ଏଣ୍ଟ୍ରିଅପରେଟର ଓ ମିଲର ଧାନ ସଂଗ୍ରହ ବେଳେ ଉପସ୍ଥିତ ରହୁଛନ୍ତି। ଧାନ ବିକିଲେ ଅନେକ ଅର୍ଥ କଟିଯିବ ବୋଲି ଚାଷୀ ଦଲାଲଙ୍କ ଉପରେ ଭରସା କରୁଥିବା ଚାଷୀ ମହଲରୁ ଶୁଣିବାକୁ ମିଳୁଛି। ଚାଷୀଙ୍କ ମଙ୍ଗଳ ହେଲା ଭଳି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆନଗଲେ ଚାଷୀ କ୍ଷତି ସହିବେ ଏଥିରେ ସନ୍ଦେହ ନାହିଁ ବୋଲି ସମ୍ପୃକ୍ତ ଚାଷୀ ନେତା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲା ଦାୟିତ୍ୱରେ ଥିବା ସମବାୟ ବିଭାଗର ବ୍ରହ୍ମପୁର ସର୍କଲ ସହକାରୀ ନିବନ୍ଧକ ପର୍ଶୁରାମ ପାତ୍ରଙ୍କୁ ପଚାରିବାରେ ସେ କହିଲେ ଯେ, ଧାନ ବିକିବା ପାଇଁ ଚାଷୀଙ୍କୁ ଅନେକ ଦିନ ମିଳିଛି। ଯଦି ଲକ୍ଷ୍ୟ ପୂରଣ ହେବନି ତେବେ ପ୍ରଶାସନ ପକ୍ଷରୁ ଅଧିକ ଦିନ ଦିଆଯାଇପାରେ। ଲକ୍ଷଧାର୍ଯ୍ୟ ପୂରଣ ଆଶା ରହିଛି ବୋଲି ସେ କହିଛନ୍ତି।



ନିମଖଣ୍ଡି ପେଣ୍ଠ ସେବା ସମବାୟ ସମିତିରୁ ଧାନ କିଣାଯାଇ ଟ୍ରକରେ ଯାଉଛି।

## ଭଞ୍ଜବିହାର ଭାରୋତ୍ତୋଳନ ମହିଳା ଦଳର ପଞ୍ଜାବ ଗସ୍ତ



ମ୍ୟାନେଜର ଓ କୋଚଙ୍କ ସହ ପଞ୍ଜାବ ଯିବାକୁ ଥିବା ପ୍ରତିଯୋଗୀ।

ବ୍ରହ୍ମପୁର,୧୬।୧(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଗୁରୁବାର ଭାରୋତ୍ତୋଳନ ମହିଳା ଦଳ ପଞ୍ଜାବ ଗସ୍ତ କରିଛି। ପଞ୍ଜାବ ସ୍ଥିତ ଲୋଭଲି ପ୍ରଫେସନାଲ ୟୁନିଭରସିଟି ଠାରେ ଆସନ୍ତା ୨୦ ଓ ୨୧ ତାରିଖରେ ହେବାକୁ ଥିବା ଉତ୍ତର-ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଏମାନେ ଭାଗ ନେବେ। ଦଳରେ ବାଲିପଦର ଆଞ୍ଚଳିକ ବିଜ୍ଞାନ ମହାବିଦ୍ୟାଳୟର ରିଙ୍କି ନାୟକ ୪୫ କେ.ଜି ବର୍ଗରେ ଓ ତୁଳସୀ ସାହୁ ୭୧ କେ.ଜି ବର୍ଗରେ ଅଛନ୍ତି। ମ୍ୟାନେଜର ଭାବେ ବ୍ରହ୍ମପୁରର କୋଚ ବନିତା ଘଡେଇ, ଚିକିଟିର ଟ୍ରେନର ଦାମିନୀ କୁମାରୀ ସାହୁ ଦଳରେ ଗସ୍ତ କରିଛନ୍ତି। କ୍ରୀଡା ପରିଷଦ ପକ୍ଷରୁ କୁଳପତି ପ୍ରଫେସର ଗିତାଞ୍ଜଳି ଦାଶ, ସମ୍ପାଦକ ଡ.ସାରଦା ପ୍ରସାଦ ସାହୁ,ଅର୍ଜୁନ ଆବାଡ଼ି, କେ. ରବି କୁମାର, ରାଜେଶ କୁମାର ମହାନ୍ତି, ନାରାୟଣ ସାହୁ, ରବି ଚରଣ ମିଶ୍ର, ସଚ୍ଚିଦାନନ୍ଦ ଦାଶ ପ୍ରମୁଖ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମଧୁସୂଦନ ପାଣିଗ୍ରାହୀଙ୍କ ଜନ୍ମଶତବାର୍ଷିକୀ ପାଳନ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ କମିଟିର ସଦସ୍ୟବୃନ୍ଦ।

ବ୍ରହ୍ମପୁର,୧୬।୧(ସ୍ମୃତି ରଞ୍ଜନ ମହାଲିକ) ଆକାଶବାଣୀର କିମ୍ବଦନ୍ତୀ ବ୍ୟକ୍ତିତ୍ୱ ତଥା ପ୍ରଥମ ଓଡିଆ ନିର୍ଦ୍ଦେଶକ ମଧୁସୂଦନ ପାଣିଗ୍ରାହୀଙ୍କ ଜନ୍ମ ଶତ ବାର୍ଷିକୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅଶୋକ ନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁମାୟା ପାଣିଗ୍ରାହୀ ଫାଉଣ୍ଡେସନ କମିଟିର ମୁଖ୍ୟ ଆବାହକ ହୃଷୀକେଶ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଫେବୃଆରୀରେ ଏହି କାର୍ଯ୍ୟକ୍ରମ ହେବ। ଏଥିରେ ଭାରତର ଖ୍ୟାତିସଂପନ୍ନ ଗଣମାଧ୍ୟମ ବ୍ୟକ୍ତିତ୍ୱ, ବୁଦ୍ଧିଜୀବୀ ଓ କଳାକାର ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ଏଥିସହ ହୃଷୀକେଶ ପାଣିଗ୍ରାହୀଙ୍କ ଠିକ ଦୁନିଆ ପୁସ୍ତକ ଉନ୍ମୋଚିତ ହେବ ବୋଲି କମିଟି କହିଛି। ତ୍ରୁଷ୍ଟି ସୁହୃଦ ପାଣିଗ୍ରାହୀଙ୍କ ସମେତ ତ୍ରିପତି ବାଲାଜୀ ପାତ୍ର, ସୁନୀଲ ପଟ୍ଟନାୟକ, ଡି ସୋମେୟା, ଡ ପ୍ରବିର ଦାଶ, ଶ୍ରୀକାନ୍ତ ପାଢି, ଡ ମିହିର ତ୍ରିପାଠୀ, ସୁଦିପ୍ତା ପାଣିଗ୍ରାହୀ, ରବୀନ୍ଦ୍ର ଗୌଡ ଓ ସୋନାଲୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌କେସିଜିରୁ ରୋଗୀ ଫେରାର, ଚିନ୍ତାରେ ପରିବାର

ବ୍ରହ୍ମପୁର,୧୬।୧( ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ଜଣେ ମହିଳା ରୋଗୀ ଫେରାର ହୋଇଯାଇଛନ୍ତି । ସେ ହେଲେ ଗଞ୍ଜାମ ଜିଲା ସୋରଡା ଅଞ୍ଚଳର ସତ୍ୟଭାମା ବିଷୋୟୀ(୬୫) । ଏ ନେଇ ଅଭିଯୋଗ ପରେ ଏମକେସିଜି କର୍ତ୍ତୃପକ୍ଷ ଓ ପୋଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜରୁ ବୃଦ୍ଧାଙ୍କୁ ଠାବ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ସତ୍ୟଭାମାଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ପରିବାର ଲୋକେ ତାଙ୍କୁ ଗତ ୧୩ ତାରିଖରେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସତ୍ୟଭାମାଙ୍କ ରକ୍ତଚାପ ଓ ମଧୁମେହ ଥିବାରୁ ତାଙ୍କୁ ମେଡିସିନ ବିଭାଗର ୬ ୟୁନିଟରେ ଭର୍ତ୍ତି କରାଯାଇଥିଲା । ମେଡିସିନ ବିଭାଗ କୋଠାର ତଳ ମହଲାର ଥିବା ମହିଳା ୱାର୍ଡର ୭୭୯ ନଂ. ସେ ଚିକିତ୍ସିତ ହେଉଥିଲେ। ତାଙ୍କ ନିକଟରେ ବୋହୂ ଓ ନାତି ରହୁଥିଲେ । ହେଲେ ବୁଧବାର ରାତି ୩ଟା ୩୦ ବେଳେ ସତ୍ୟଭାମା ନିଜ ଶଯ୍ୟାରୁ ଉଠି କେଉଁଆଡେ ଚାଲିଯାଇଥିଲେ। କିଛି ସମୟ ପରେ ସେ ଶଯ୍ୟାରେ ନଥିବା ତାଙ୍କ ସମ୍ପର୍କୀୟ ମାନେ ଜାଣିବାକୁ ପାଇଥିଲେ। ସେମାନେ ସକାଳ ଯାଏଁ ଏମକେସିଜିରେ ଖୋଜାଖୋଜି କରିବା ପରେ ତାଙ୍କ ପତ୍ତା ନମିଳିବାରୁ ଏମକେସିଜି କର୍ତ୍ତୃପକ୍ଷ ଓ ଫାଣ୍ଡି ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ସିସିଟିଭି ଯାଞ୍ଚ କରାଯାଇଥିଲା । ସତ୍ୟଭାମା ରାତି ୩ଟା ୩୦ ବେଳେ ଏମକେସିଜି ମେଡିସିନ ବିଭାଗରୁ ବାହାରକୁ ଚାଲି ଚାଲି ଯାଉଥିବା ସିସିଟିଭିରୁ ଜଣାପଡିଥିଲା। ହେଲେ ଏହାପରେ ସେ ଏମକେସିଜିର କେଉଁଆଡକୁ ଗଲେ କିମ୍ବା ଏମକେସିଜି ବାହାରକୁ ଯାଇଛନ୍ତି ତାହା ଜଣାପଡୁନି । ସତ୍ୟଭାମା ନିଖୋଜ ହେବା ପରେ ପରିବାର ଲୋକେ ଚିନ୍ତାରେ ରହିଛନ୍ତି । ଅନ୍ୟପକ୍ଷରେ ସତ୍ୟଭାମା ସେହି ୱାର୍ଡର ନର୍ସିଂ ଅଫିସର କିମ୍ବା ଅନ୍ୟ କୌଣସି କର୍ମଚାରୀଙ୍କୁ ନଜଣାଇ ଶଯ୍ୟାରୁ ଚାଲି ଯାଇଥିବାରୁ ତାଙ୍କୁ ଲାମା(ଲିଭ ଏଗନେଷ୍ଟ ମେଡିକାଲ ଆଡଭାଇସ) ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ଏମକେସିଜିର ପ୍ରତ୍ୟେକ ବିଭାଗରେ ସୁରକ୍ଷା କର୍ମୀ ନିୟୋଜିତ ଥିଲେ ମଧ୍ୟ ଏହି ବୃଦ୍ଧା ରୋଗୀ ଜଣଙ୍କ କେମିତି ଫେରାର ହୋଇଗଲେ ତାକୁ ନେଇ ପ୍ରଶ୍ନ ଉଠିଛି ।

### ନିର୍ମାଣାଧୀନ ଘରର ତାଲା ଭାଙ୍ଗି ଚୋରି

ବ୍ରହ୍ମପୁର,୧୬।୧(ସୁବାସ ଚନ୍ଦ୍ର ପାଢ଼ୀ) ଗୋଶାଣିନୂଆଗାଁ ଥାନା ଜଳେଶ୍ୱର ବିହାର ୨ୟ ଲାଇନରେ ଚାଲିଥିବା ନିର୍ମାଣାଧୀନ ଘରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି । ଏ ନେଇ ଥାନାରେ ଗୃହକର୍ତ୍ତା ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ-୧୮/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଉକ୍ତ ଲାଇନର ହରେକୃଷ୍ଣ ମହାରଣା ଜଳେଶ୍ୱର ବିହାର ଠାରେ ଘର ନିର୍ମାଣ କରୁଛନ୍ତି । ଠିକାଦାର ସଞ୍ଜୟ ବିଷୋୟୀ ନିର୍ମାଣ ଦାୟିତ୍ୱ ନେଇଛନ୍ତି । ୨ ଦିନ ତଳେ ମିସ୍ତ୍ରୀ ଓ ଶ୍ରମିକମାନେ କାମ ସାରିବା ପରେ ସଞ୍ଜୟ ଗୃହରେ ତାଲା ପକାଇଥିଲେ। ପର ଦିନ ସକାଳୁ ଗୃହକର୍ତ୍ତା ଦେଖିବାକୁ ଯାଇଥିବା ବେଳେ ଫାଟକ ଖୋଲାଥିଲା। ବହୁ ସାମଗ୍ରୀ ଓ ମେସିନ ଚୋରି ହୋଇଥିଲା। ପରେ ସେ ଥାନାରେ ଅଭିଯୋଗ କରିଛନ୍ତି ।

### ଶିଶୁମନ୍ଦିରରେ ବାର୍ଷିକୋତ୍ସବ

ସୋରଡ଼ା,୧୬।୧(ରଜନୀ ମହାପାତ୍ର) ସୋରଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଛି। ପ୍ରଧାନ ଆଚାର୍ଯ୍ୟ ସୁନୀଲ ରଥଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ନୀଳମଣି ବିଷୋୟୀ, ମୁଖ୍ୟବକ୍ତା ଭାବେ ଓଡିଶା ଶିକ୍ଷା ବିକାଶ ସମିତି ସଭାପତି ଡ. କିଶୋର ଚନ୍ଦ୍ର ମହାନ୍ତି, ସମ୍ମାନିତ ଅତିଥି ରୂପେ ଅନୁଷ୍ଠାନର ସଭାପତି ରୋହିତ ବିଷୋୟୀ, ସମ୍ପାଦକ ମହେଶ୍ୱର ସାହୁ ଉପସ୍ଥିତ ଥିଲେ। ବିଭିନ୍ନ ଖେଳାକୁଦ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଜି.ଉଦୟଗିରିରେ ପ୍ରଥମ ତୁଷାରପାତ

ଜି.ଉଦୟଗିରି,୧୬।୧ (ଚିନ୍ମୟ କୁମାର ସେଠୀ)

କନ୍ଧମାଳ ଜିଲା ଜି.ଉଦୟଗିରି ସହର ରାଜ୍ୟର ସବୁଠାରୁ ଥଣ୍ଡା ସହର ହୋଇଥିବା ବେଳେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରବଳ ଥଣ୍ଡା ସହ ଜାଡ଼ରେ ଥରୁଛି ସମଗ୍ର ଅଞ୍ଚଳ। ସ୍ଥାନୀୟ ପାଣିପାଗ ବିଭାଗର ସୂଚନାନୁସାରେ ଗୁରୁବାର ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରୀ ରହିଥିବା ବେଳେ ଗ୍ରାମାଞ୍ଚଳ ସହ ସହରର ବିଭିନ୍ନ ସ୍ଥାନରେ ତୁଷାରପାତ ହୋଇଛି। ଚଳିତ ବର୍ଷ ସହ ବିଗତ ତିନି ବର୍ଷ ହେଲା ଜି.ଉଦୟଗିରିରେ ଅତ୍ୟଧିକ ଶୀତ ହେଉଛି। ଥଣ୍ଡା ସହରରେ ମଜା ଉଠାଇବା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିସହ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। କିନ୍ତୁ ପ୍ରଶାସନ ତରଫରୁ ଏଠାରେ ପର୍ଯ୍ୟଟନସ୍ଥଳର ଭିତ୍ତିଭୂମିର ବିକାଶ ହେଉନି କି ଜନସାଧାରଣଙ୍କ ଦାବି ଅନୁଯାୟୀ ଶୀତ ମହୋତ୍ସବ କରାଯାଉନି। ରାଜ୍ୟର ସବୁଠାରୁ କମ ତାପମାତ୍ରା ରହୁଥିବା ଥଣ୍ଡା ଅଞ୍ଚଳ ଜି.ଉଦୟଗିରି ପ୍ରତି ଦୃଷ୍ଟି ପ୍ରଶାସନର ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟର ବିଷୟ ବୋଲି ବୁଦ୍ଧିଜୀବୀ କହିଛନ୍ତି ।



ତୁଷାରପାତ

### ଡ୍ୟୁଟିରେ ଅନୁପସ୍ଥିତ ୫ ଡାକ୍ତର, ସ୍ପଷ୍ଟୀକରଣ ରିପୋର୍ଟ ମାଗିଲେ ସିଡିଏମଓ

ବ୍ରହ୍ମପୁର,୧୬।୧(ସୁବାସ ଚନ୍ଦ୍ର ପାଢ଼ୀ): ବିନା ଅନୁମତିରେ ଡ୍ୟୁଟିରେ ଅନୁପସ୍ଥିତ ରହିବା ୫ଜଣ ଡାକ୍ତରଙ୍କୁ ମହଙ୍ଗା ପଡିଛି। ସେମାନେ କାହିଁକି ଅନୁପସ୍ଥିତ ରହିଲେ, ତା'ର ସ୍ପଷ୍ଟୀକରଣ ରିପୋର୍ଟ ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଜୟ ପଣ୍ଡା ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କୁ ଚିଠି କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପଣ୍ଡା ଗୁରୁବାର ବେଲଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଯାଇଥିବା ବେଳେ ଓପିଡିରେ ୫ଜଣ ଡାକ୍ତର ଅନୁପସ୍ଥିତ ଥିବା ଦେଖିଥିଲେ। ସେହି ଡାକ୍ତରମାନେ କାହିଁକି ଅନୁପସ୍ଥିତ ରହିଲେ ୩ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଏହା ସହିତ ଗୋଟିଏ ଦିନ ପାଇଁ ସେମାନଙ୍କ ଦରମା ବନ୍ଦ କରାଯାଇଛି। ବିଭାଗୀୟ ଅନୁମତି ପରେ ଦରମା ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶ ହୋଇଛି।

## ଆଞ୍ଚଳିକ ଭବିଷ୍ୟନିଧି କମିଶନର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

### କେନ୍ଦ୍ରୀୟ କମିଟିରେ ଏଆଇଟିୟୁସିକୁ ସାମିଲ ଦାବି

ବ୍ରହ୍ମପୁର,୧୬।୧(ସ୍ମୃତି ରଞ୍ଜନ ମହାଲିକ): କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନର କେନ୍ଦ୍ରୀୟ କମିଟିରେ ଅଖିଳ ଭାରତ ଟ୍ରେଡ ୟୁନିୟନ କଂଗ୍ରେସ (ଏଆଇଟିୟୁସି)କୁ ସାମିଲ କରିବା ଦାବି ହୋଇଛି। ଗୁରୁବାର ଏଆଇଟିୟୁସି ଗଞ୍ଜାମ ଜିଲା ଓ କୋରାପୁଟ ଜିଲା କମିଟି ପକ୍ଷରୁ ଆଞ୍ଚଳିକ ଭବିଷ୍ୟନିଧି କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ କମିଶନର ପ୍ରକାଶ ନାରାୟଣ ସିଂଙ୍କୁ କେନ୍ଦ୍ର ଶ୍ରମମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଆଇଟିୟୁସି ପକ୍ଷରୁ ଗଞ୍ଜାମ ଜିଲା କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହାପରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଆଞ୍ଚଳିକ କମିଶନରଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଶ୍ରମିକ ନେତା ପ୍ରବୀଣ ଦାସଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। କର୍ମଚାରୀ ଭବିଷ୍ୟନିଧି ପାଣ୍ଠିର ନବଗଠିତ କେନ୍ଦ୍ରୀୟ କମିଟିରୁ ଭାରତର ସର୍ବ ପୁରାତନ ଓ ସର୍ବବୃହତ ଶ୍ରମିକ ସଂଗଠନ ଏଆଇଟିୟୁସିକୁ ବାଦ ଦିଆଯାଇଥିବା ସଭାରେ ସମାଲୋଚନା କରାଯାଇଥିଲା। ଏଆଇଟିୟୁସିକୁ ସାମିଲ କରିବା ପାଇଁ ଶ୍ରମିକ ନେତାମାନେ ଦୃଢ ଦାବି କରିଥିଲେ। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି, ପ୍ରଦୀପ ସେଠୀ, କାମଦେବ ନାହାକ, ପ୍ରବୀଣ ଦାଶ, ହରିହର ପାତ୍ର ଓ ରୋହିତ ବିଷୋୟୀଙ୍କ ସମେତ ଅଳକ ନାଥ ମିଶ୍ର, ଦଣ୍ଡପାଣି ସାମଲ, ଦଣ୍ଡପାଣି ପାତ୍ର, ପଞ୍ଚାନନ ସ୍ୱାଇଁ, ବିଜୟ ସାମନ୍ତରା ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।




ଭବିଷ୍ୟନିଧି କମିଶନର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଚାଲିଛି।

## ରାସ୍ତା ସମ୍ପ୍ରସାରଣ ପାଇଁ ଜବରଦଖଲ ଉଚ୍ଛେଦ

ରମ୍ଭା,୧୬।୧(ବନବାସୀ ସେଠୀ) ରମ୍ଭା ଶ୍ରୀଜଗନ୍ନାଥ ମନ୍ଦିର ଓ ପାତ୍ର ସାହିକୁ ଯାତାୟତରେ ବ୍ୟାହତ ହୋଇଥିବା ହେତୁ ରାସ୍ତା ସମ୍ପ୍ରସାରଣ ପାଇଁ ଛକରେ ୩ଟି ଚା' କେବିନକୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। କାରଣ ଏହି ସାହି ଛକ ଏକ ଜନଗହଳି ପୂର୍ଣ୍ଣ ହୋଇଥିବାରୁ ଏବଂ ନିକଟରେ ଦୁର୍ଗା ମଣ୍ଡପ ଥିବା ଯୋଗୁଁ ଗାଡ଼ି ମଟର ଏବଂ ମନ୍ଦିର ଯାତାୟାତରେ ବ୍ୟାହତ ସୃଷ୍ଟି ହେଉଥିବା ହେତୁ ନୋଟିସ କରାଯାଇଥିଲା। ଗୁରୁବାର ଖଲିକୋଟ ଅତିରିକ୍ତ ତହସିଲଦାର ଅଜୟ ସ୍ୱାଇଁ, ରମ୍ଭା ଥାନାଧିକାରୀ ସତ୍ୟବ୍ରତ ଭୁତିଆ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ତତ୍ତ୍ୱାବଧାନରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ହୋଇଥିଲା। ଏଥିରେ ଏନ୍‌ଏସି ଜେଇ ଲୋକନାଥ ପାଢ଼ୀ, ଡ଼.ସରୋଜ ଦାଶ, ସର୍ବନାମ ଦାଶ, ଦୀପକ ବିଷୋୟୀ ଏବଂ କର୍ମରତ କର୍ମଚାରୀ, ଏସଆଇ ଛବିରାଣୀ ନାୟକ, ପ୍ରଭାତ ନାୟକ ସହ ଏକ ପ୍ଲାଟୁନ ପୋଲିସ କର୍ମଚାରୀ ଉପସ୍ଥିତ ରହି ଶାନ୍ତିପୂର୍ଣ୍ଣ ଭାବେ ଜେସିବି ଏବଂ ଟ୍ରାକ୍ଟର ଦ୍ୱାରା ୩ଟି ଚା ଦୋକାନକୁ ସ୍ଥାନାନ୍ତର କରାଯାଇଥିଲା।

## ଖଣ୍ଡାୟତ କାଳିଞ୍ଜି ସମାଜ କର୍ମକର୍ତ୍ତା ଚୟନ

ଗୋପାଳପୁର,୧୬।୧(ନବୀନ ରାଜ ଆଚାରୀ) ନିଖିଳ ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜ ଗୋଳନ୍ଥରା ଶାଖାର ଏକ ବୈଠକ ଗୋଳନ୍ଥରା ଇଶାଣେଶ୍ୱର ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନିଖିଳ ଉତ୍କଳ ଓଡ୍ର ଖଣ୍ଡାୟତ କାଳିଞ୍ଜି ସମାଜର ଅଞ୍ଚଳ ସଭାପତି ଗୁରୁନାଥ ବିଷୋୟୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଦକ୍ଷିଣ ମଣ୍ଡଳ ସଭାପତି ରଞ୍ଜନ ସ୍ୱାଇଁ ଓ ଉପସଭାପତି ପ୍ରକାଶ ଚନ୍ଦ୍ର ବିଷୋୟୀ, ଅତିଥି ଭାବେ ରମେଶ ଚନ୍ଦ୍ର ଜେନା, ଲଡ୍ଡୁ କିଶୋର ଜେନା, ପ୍ରକାଶ ଚନ୍ଦ୍ର ଜେନା, ଅମରେନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ସମାଜର ବିଭିନ୍ନ କାର୍ଯ୍ୟପନ୍ଥା ନେଇ ଆଲୋଚନା କରିବା ସହ ସଦସ୍ୟମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଗୋଳନ୍ଥରା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଉମାକାନ୍ତ ଜେନା, ଉପସଭାପତି ଭାବେ ଅମରେନ୍ଦ୍ର ଜେନା, ସମ୍ପାଦକ ଭାବେ ରାଜେନ୍ଦ୍ର ଜେନା ଓ ମନୋନୀତ ସଦସ୍ୟ ଭାବେ ପ୍ରକାଶ ଚନ୍ଦ୍ର ଜେନା, ସନ୍ତୋଷ ଜେନା, ଗୌରହରି ଜେନା, ସୁରେନ୍ଦ୍ର ଜେନା ଓ ପ୍ରତାପ ଜେନା ପ୍ରମୁଖ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ।

## ୧୮ କିମି ଚାଲିଲେ, ମହେନ୍ଦ୍ରଗିରି ଚଢ଼ିଲେ

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପର୍ବତାରୋହଣ

ବ୍ରହ୍ମପୁର,୧୬।୧(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ମହେନ୍ଦ୍ରଗିରି ପର୍ବତରେ ଚାଲିଥିବା ୬ ଦିନିଆ ରାଜ୍ୟସ୍ତରୀୟ ପର୍ବତାରୋହଣ ଶିବିର ଗୁରୁବାର ସରିଛି। ୧୮ କିମି ଦୁର୍ଗମ ପଥ ଅତିକ୍ରମ କରି ୪୯୭୬ ଫୁଟ ଉଚ୍ଚତାର ପାହାଡ ଶିଖରରେ ପହଞ୍ଚି ଶିବିରାର୍ଥୀମାନେ ଦୁଃସାହସିକ କାର୍ଯ୍ୟ କରିଛନ୍ତି। ଦୁର୍ଗମ ଓ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ସ୍ୱେଚ୍ଛାସେବୀମାନେ ଏହା କରିଥିବାରୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ପ୍ରଶଂସା କରି ଯୁବ ନେତୃତ୍ୱ ବିକାଶରେ ଏହା ସହାୟକ ହେବ ବୋଲି କହିଛନ୍ତି। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ ଏବଂ ରାଜ୍ୟ ଏନଏସଏସ ଅଧିକାରୀ ତଥା ଉଚ୍ଚ ଶିକ୍ଷା ବିଭାଗର ଉପସଚିବ ଡ଼. ରମେଶ ଚନ୍ଦ୍ର ବେହେରା ଶିବିରାର୍ଥୀଙ୍କୁ ଉତ୍ସାହିତ କରିଛନ୍ତି। କେନ୍ଦ୍ର କ୍ରୀଡା ଓ ଯୁବ ସେବା ମନ୍ତ୍ରଣାଳୟର ଯୁବସେବୀ ଅଧିକାରୀ ଅଜିତ କୁମାର ଖୁସୱା କହିଛନ୍ତି ଯେ ଏହି ଅଭିଯାନ ହିମାଚଳ ପ୍ରଦେଶର ମନାଲି ପର୍ବତାରୋହଣ ସମକକ୍ଷ ଓ ରାଜ୍ୟର ଏନଏସଏସ ସ୍ୱେଚ୍ଛାସେବୀମାନେ ସଫଳତାର ସହ ଏହି ଅଭିଯାନକୁ ଶେଷ କରିଥିବାରୁ ସମସ୍ତଙ୍କୁ ସେ ଅଭିନନ୍ଦନ ଜଣାଇଛନ୍ତି। ନ୍ୟାଶନାଲ ଆଡଭେଞ୍ଚର କ୍ଲବର ସଂପାଦକ ରାକେଶ କୁମାର ପାନୌର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଏଭରେଷ୍ଟ ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ସ୍ୱେଚ୍ଛାସେବୀମାନେ ପର୍ବତାରୋହଣ କରିଥିଲେ। ପର୍ବତ ଚଢିବା ପୂର୍ବରୁ ସ୍ୱେଚ୍ଛାସେବୀମାନେ କଇଁପୁର ସ୍ଥିତ ବୁରକ୍ଷେତ ବେସ କ୍ୟାମ୍ପରେ ପ୍ରଶିକ୍ଷଣ ନେଇଥିଲେ। ୨୨ ପ୍ରଶିକ୍ଷକଙ୍କ ଉପସ୍ଥିତିରେ ସେମାନଙ୍କୁ ପର୍ବତାରୋହଣ, ରେପଲିଂ, ରିଭର କ୍ରସିଂ, ବର୍ମା ବ୍ରିଜ, ଜୁମାରିଙ୍ଗ, ହ୍ୟୁମାନ ବ୍ରିଜ ଏବଂ ଜିପଲାଇନ ଭଳି ଦୁଃସାହସିକ ପ୍ରଶିକ୍ଷଣ ଦିଆଯାଇଥିଲା। ଗତ ଦୁଇବର୍ଷ ଧରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହା ଆୟୋଜନ କରାଯାଉଥିବାବେଳେ ଚଳିତବର୍ଷ ରାଜ୍ୟସ୍ତରୀୟ କ୍ୟାମ୍ପ ହୋଇଥିଲା। ରାଜ୍ୟ ଏନଏସଏସ ସେଲ ପକ୍ଷରୁ ଏହାର ଦାୟିତ୍ୱ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟକୁ ମିଳିଥିଲା। ୧୪ ବିଶ୍ୱବିଦ୍ୟାଳୟରୁ ୧୨୦ ସ୍ୱେଚ୍ଛାସେବୀ ଏଥିରେ ଭାଗ ନେଇଥିଲେ। ସ୍ୱେଚ୍ଛାସେବୀମାନେ ଶିବିରରେ ପର୍ବତାରୋହଣ ସହ ନେତୃତ୍ୱ କ୍ଷମତା , ଏକତା ଓ ପରିବେଶ ସୁରକ୍ଷାର ପ୍ରଶିକ୍ଷଣ ମଧ୍ୟ ପାଇଛନ୍ତି। ଶେଷ ଦିନରେ ବର୍ଜ୍ୟବସ୍ତୁ ସଫା କରି ମହେନ୍ଦ୍ରଗିରିକୁ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଶପଥ ନେଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ଯୋଗଦେଇଥିବା ସ୍ୱେଚ୍ଛାସେବୀଙ୍କୁ ମାନପତ୍ର ସହ ପଦକ ଦିଆଯାଇ ସମ୍ମାନିତ କରାଯାଇଥିଲା। ଏନଏସଏସ ବ୍ୟୁରୋ ସଂଯୋଜକ ଡ଼. ଜୟନ୍ତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଶିବିରରେ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠୀ, ଗଜପତି ଜିଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସନ୍ନ୍ୟାସୀ ବେହେରା, ଗଞ୍ଜାମ ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗଣେଶ ସାହୁ, ଡକ୍ଟର ଶଙ୍କର୍ଷଣ ମଲ୍ଲିକ, ଡକ୍ଟର ଦୀପକ ନାୟକ, ସୁଶାନ୍ତ ସାହୁ, ସରିତା ପ୍ରଧାନ, ସୌମ୍ୟଶ୍ରୀ ସାହୁ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱେଚ୍ଛାସେବୀମାନେ।

